RNI No.ODIODI/2010/33031
୧୭ ବର୍ଷ Volume-17
ISSUE -176 ସଂଖ୍ୟା-୧୭୬
ଭୁବନେଶ୍ୱର, ଶନିବାର ୨୬ ସେପ୍ଟେମ୍ବର ୨୦୨୬
Bhubaneswar, Saturday 26 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ବର୍ଷାରେ ଘର ଭାଙ୍ଗିଥିଲେ ମିଳିବ ନୂଆ ଘର

ଭୁବନେଶ୍ୱର, ୨୫।୯ (କେଏନଏସ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ଅନେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଶେଷ କରି ଅନେକ ସ୍ଥାନରେ ଗ୍ରାମବାସୀଙ୍କ କଚ୍ଚା ଘର ଭାଙ୍ଗିଯାଇଛି। ଏହି ପରିସ୍ଥିତିରେ ପ୍ରଭାବିତଙ୍କ ପାଇଁ ବଡ଼ ଆଶ୍ୱାସନା ଦେଇଛନ୍ତି ରାଜ୍ୟ ସରକାର । ବର୍ଷା ଯୋଗୁଁ ଯେଉଁମାନଙ୍କ ଘର ଭାଙ୍ଗିଛି, ସେମାନଙ୍କୁ ସରକାରୀ ଯୋଜନାରେ ତୁରନ୍ତ ନୂଆ ଘର ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି ।ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଗତ ୪ ଦିନର ଲଗାଣ ବର୍ଷା ଫଳରେ ରାଜ୍ୟର ୪ଟି ଜିଲ୍ଲାରେ ପ୍ରାୟ ୪୫ରୁ ୫୦ଟି ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ଭାଙ୍ଗିଯାଇଛି । ବର୍ଷା ଜାରି ରହିଲେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି । କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନୂତନ ଆବାସ ଯୋଗାଇ ଦିଆଯିବ । ବର୍ଷା କମିବା କ୍ଷଣି ମାତ୍ର ୫ ଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଇନ୍ଦ୍ରାବତୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ୬ଟି ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହିବା ଓ ଖାଇବାର ବ୍ୟବସ୍ଥା କରାଯିବା ସହ ଶୁଖିଲା ରାସନ ବଣ୍ଟନ କରାଯାଉଛି । ତେବେ ବର୍ତ୍ତମାନ ଇନ୍ଦ୍ରାବତୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିବା ନେଇ ଆଶ୍ୱାସନା ମିଳିଛି ବୋଲି ମନ୍ତ୍ରୀ କହିଛନ୍ତି।

# ସମବାୟ ସଂସ୍ଥା ରାଜନୈତିକ ମଞ୍ଚ ନୁହେଁ, ଅନ୍ନଦାତାଙ୍କ ପାଇଁ ଜୀବନରେଖା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୯ (କେଏନଏସ): ''ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା,'' ବୋଲି ଆଜି ପ୍ୟାକ୍ସ ଓ ଲ୍ୟାମ୍ପସର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ । ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ ପ୍ୟାକ୍ସ ଓ ଲ୍ୟାମ୍ପସରେ ଯୋଡି ହେବାକୁ ଆହ୍ୱାନ ଦେଇଥିଲେ ।



ସେ ପୁଣି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ସହକାର୍ ସେ ସମୃଦ୍ଧି' ଆହ୍ୱାନ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନକୁ ପାଥେୟ କରି ଓଡ଼ିଶା ଆଜି ଭାରତର ପ୍ରଥମ ରାଜ୍ୟ ଭାବେ ନିଜର 'ସମବାୟ ନୀତି ୨୦୨୬' ପ୍ରଣୟନ କରିଛି । ଏହି ନୂତନ ନୀତି ଅଧୀନରେ ପ୍ୟାକ୍ସ ଓ ଲ୍ୟାମ୍ପସଗୁଡ଼ିକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର 'ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି । ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଗଞ୍ଚ ପ୍ରଦାନ କରାଯାଉଥିବା ବେଳେ ଗୋଟିଏ ଛାତ ତଳେ ସାର, ବିହନ, ଆଧୁନିକ କୃଷି ଯନ୍ତ୍ରପାତି, ବ୍ୟାଙ୍କିଙ୍ଗ୍, ଫସଲ ବୀମା ଓ ଦୁଗ୍ଧ ସଂଗ୍ରହ ସୁବିଧା ଯୋଗାଇ ଦିଆଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର, ୬୦ଟି ନୂତନ କନଜ୍ୟୁମର ଷ୍ଟୋର , ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସମବାୟ ସମିତିଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ଜାତୀୟ ପ୍ୟାକ୍ସ ସଫ୍ଟୱେର ମାଧ୍ୟମରେ କୋର୍ ବ୍ୟାଙ୍କିଙ୍ଗ୍ ଓ ରିଅଲ-ଟାଇମ ସେଟେଲମେଣ୍ଟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହିକ୍ରମରେ ୩୦୦ଟି ପ୍ୟାକ୍ସରେ ଏନଏଲପିଏସ୍ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସର ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି । ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ ।

ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ "ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ" ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମରେ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ।

ଏହି ସମାରୋହରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ ମାଧ୍ୟମରେ ହିଁ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ବିକାଶ ସମ୍ଭବ ବୋଲି ପ୍ରକାଶ କରି ପ୍ରତ୍ୟେକ ପରିବାରରୁ ଅନ୍ୟୁନପକ୍ଷେ ଜଣେ ସଦସ୍ୟଙ୍କୁ ସମବାୟ ସହିତ ଯୋଡିବାର ମୂଳ ଲକ୍ଷ୍ୟ ରଖି ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ । ଗତ ଦୁଇ ବର୍ଷ ମଧ୍ୟରେ ସମବାୟ ବିଭାଗ ପକ୍ଷରୁ ହାସଲ ହୋଇଥିବା ବିଭିନ୍ନ ଉପଲବ୍ଧି ଉପରେ ଆଲୋକପାତ କରି ସେ କହିଥିଲେ ଆମ ସରକାରରେ ଏବେ ସମବାୟ ସମିତି ଗୁଡିକ ଆଉ କ୍ଷତିଗ୍ରସ୍ତ ଅନୁଷ୍ଠାନ ନୁହେଁ, ବରଂ ଏକ ସ୍ୱାବଲମ୍ବୀ ଓ ଲାଭଜନକ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ ହୋଇଛି । ସମବାୟର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନିଆଯାଇଥିବା ସମସ୍ତ ଯୁଗାନ୍ତକାରୀ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଗୁଡିକ ଆମ ରାଜ୍ୟକୁ ସମୃଦ୍ଧ ଓଡିଶା ଗଠନ ଦିଗକୁ ଦ୍ରୁତ ଗତିରେ ଅଗ୍ରସର କରାଉଛି ବୋଲି ସେ ମତ ଦେଇଥିଲେ ।

## ଆହୁରି ୨ ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୫।୯ (କେଏନଏସ): ବର୍ତ୍ତମାନ ଅବପାତଟି ଦକ୍ଷିଣ ଓଡିଶା ଓ ତା' ପାର୍ଶ୍ୱବର୍ତ୍ତି ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ସକ୍ରିୟ ରହିଛି । ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହାର ସ୍ଥିତି ଅବପାତ ଭାବେ ସକ୍ରିୟ ହୋଇ ରହିବ । ଏଥି ସହ ୧୨ ଘଣ୍ଟା ପରେ କ୍ରମଶଃ ଦୁର୍ବଳ ହୋଇ ସମାନ ଅଂଚଳରେ ଏକା ସ୍ପଷ୍ଟ ଚିହ୍ନିତ ବା ସଦୃଶ ଲଘୁଚାପରେ ପରିଣତ ହେବ । ଏହା ପ୍ରଭାବରେ ଆହୁରି ୨ ଦିନ ପ୍ରବଳ ବର୍ଷା ସହ ପବନର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟାରେ କେନ୍ଦୁଝର , ସୁନ୍ଦରଗଡ, ମୟୁରଭଞ୍ଜ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ନୂଆପଡା ଓ ନବରଙ୍ଗପୁର ଏହି ୮ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୫୦ ରୁ ୬୦ କିମି ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ବାଲେଶ୍ୱର ଭଦ୍ରକ ଯାଜପୁର, କେନ୍ଦ୍ରାପଡା, କଟକ ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ, ଦେଓଗଡ ସୋନପୁର, ବଲାଙ୍ଗୀର, କଳାହାଣ୍ଡି , ରାୟଗଡା, କୋରାପୁଟ, ଓ ମାଲକାନଗିରି ରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଓ ୪୦ ରୁ ୫୦ କିମି ପବନ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୨୬ ତାରିଖରେ ସୁନ୍ଦରଗଡ ଝାରସୁଗୁଡା ଓ ବରଗଡରେ ପ୍ରବଳ ବର୍ଷା ସହ ୪୦ ରୁ ୬୦ କିମି ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ରହିଛି ।

# ବଢୁଛି ବିଭିନ୍ନ ନଦୀର ଜଳସ୍ତର

ଭୁବନେଶ୍ୱର, ୨୫।୯ (କେଏନଏସ): ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି । ବୈତରଣୀ ଓ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ଉପୁଜିଛି । ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ୮.୮୫ ମିଟର ରହିଛି । ଆସନ୍ତାକାଲି ସକାଳ ସୁଦ୍ଧା ଏହା ୧୦.୫୦ ମିଟରରେ ପହଞ୍ଚିବା ସହ ବିପଦ ସଙ୍କେତ ଛୁଇଁପାରେ । ଗାଲୁଡିହିରୁ ଏବେ ୨୮୦୦ କ୍ୟୁମେକ୍ ପାଣି ଆସୁଛି । ବର୍ଷାକୁ ଦେଖି ହୀରାକୁଦର ୨ଟି ଗେଲ୍ ଖୋଲାଯାଇଛି ।



ଦିଲ୍ଲୀପ କୁମାର ରାଉତ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ବର୍ତ୍ତମାନ ଜଳସ୍ତର ୧୮.୬୫ ମିଟର ଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୧୯.୬ ମିଟରରେ ପହଞ୍ଚିବାର ଆଶଙ୍କା କରାଯାଉଛି । କାଣୀ ନଦୀରେ ଘାଇ ହୋଇଥିବା ବେଳେ ମଥାନୀରେ ମଧ୍ୟ ବନ୍ୟା ପାଣି ବଢିବା ଆଶଙ୍କା କରାଯାଉଛି । ମଥାନୀରେ ବର୍ତ୍ତମାନ ୬.୭୮ ମିଟର ଜଳ ପ୍ରବାହିତ ହେଉଛି । ସେହିପରି ସୁବର୍ଣ୍ଣରେଖା ନଦୀର ରାଜଘାଟରେ ଜଳସ୍ତର

ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଯେ, ଯାଜପୁରରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀରେ ଜଳସ୍ତର ବଢ଼ିଥିବା ସୂଚନା ମିଳିଛି । ଅନ୍ୟପଟେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ୯୪ ପ୍ରତିଶତ ପାଣି ରହିଥିବା ବେଳେ ୫ଟି ଗେଟ୍ ଖୋଲାଯାଇଛି । ନବରଙ୍ଗପୁର ଜିଲ୍ଲାରେ ଆଜିଠାରୁ ବନ୍ୟାର ପ୍ରଭାବ କମିବାର ଆଶା ରହିଛି । ବଂଶଧାରାରେ ଜଳସ୍ତର ସ୍ଥିର ରହିଥିବା ବେଳେ ଗୁଣୁପୁର ଓ କାଶୀନଗରରେ ବନ୍ୟା ସ୍ଥିତି ଧୀରେ ଧୀରେ କମିବ । ଋଷିକୁଲ୍ୟା ନଦୀରେ ମଧ୍ୟ ବନ୍ୟା ପାଣି କମୁଛି । ଲଗାଣ ବର୍ଷା ପାଇଁ ଗଞ୍ଜାମ ଜିଲ୍ଲାର ହେକ୍ଟର ହେକ୍ଟର ଚାଷ ଜମି ପାଣି ଘେରରେ । ଛତ୍ରପୁର ବ୍ଲକ ବଡଲ ଗାଁ, ମାଧପୁର, ବିପୁଲିଙ୍ଗୀ, ଅଗସ୍ତି ନୁଆଁ ଗାଁ ସମେତ ବିଭିନ୍ନ ଅଞ୍ଚଳରେ ଥିବା ଶହ ଶହ ହେକ୍ଟର ଚାଷ ଜମିରେ ପାଣି ଜମି ରହିଛି । ଚାଷ ଜମିରେ ପ୍ରାୟ ୪ ଫୁଟର ପାଣି ଲହଡି ମାରୁଛି । ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରିଫ ଋତୁରେ ଧାନ ଚାଷ କରାଯାଉଥିବା ବେଳେ ସମସ୍ତ ଫସଲ ନଷ୍ଟ ହୋଇଯାଇଛି ।

ସେପଟେ ଲଗାଣ ବର୍ଷାରେ ଭଦ୍ରକ ସହର ଉବୁଟୁବୁ ହେଉଛି । ଜିଲ୍ଲାର ସମସ୍ତ ନଦୀରେ ବନ୍ୟା ଜଳ ବଢୁଥିବା ବେଳେ ସହରାଞ୍ଚଳରେ ସ୍ଥିତି ସଙ୍ଗୀନ ହୋଇଛି । ଗତକାଲି ରାତି ତମାମ ବର୍ଷା ଯୋଗୁଁ ସହରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ସହରର ତଳି ଅଞ୍ଚଳରେ ବନ୍ୟା ପାଣି ଘରେ ପଶିଛି । ଭଦ୍ରକର ବାବା ଲୋକନାଥଙ୍କ ମନ୍ଦିର ଓ ଭଣ୍ଡାର ଘରେ ପାଣି ପଶିଯାଇଛି । ବର୍ଷା ପାଣିରେ ବାବା ଲୋକନାଥ ସମ୍ପୂର୍ଣ୍ଣ ବୁଡି ରହିଥିବାରୁ ନୀତିକାନ୍ତି ବାଧା ପାଇଛି । ଠାକୁରଙ୍କ ଅଳଙ୍କାର ଓ ପୂଜା ସାମଗ୍ରୀ ପାଣିରେ ଭାସୁଛି । ଏହି କୃତ୍ରିମ ବନ୍ୟା ପାଇଁ ପ୍ରଶାସକକୁ ଦାୟୀ କରିଛନ୍ତି ଲୋକ । ନାଳ ଗୁଡ଼ିକ ସଫେଇ ନହେବା ଓ ଜବରଦଖଲ ଉଚ୍ଛେଦ ନହେବା ପାଇଁ ବନ୍ୟା ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି ।

ସେହିପରି ମୟୂରଭଞ୍ଜରେ ନାଲୁହା ନଦୀ ଫୁଲିଛି । ପାହାଡ଼ରୁ ନାଳି ପାଣି ବୋହି ଆସି ଏବେ ଗାଁରେ ପଶିଛି । ଖୁଣ୍ଟା ବ୍ଲକ କରକଟିଆ ପଞ୍ଚାୟତର ଟିକରପଡା ଏବଂ ବଡ଼ କଇମ ଗାଁରେ ବନ୍ୟା ସ୍ଥିତି ଦେଖା ଦେଇଛି । ଗାଁରେ ୭୦ରୁ ଅଧିକ ଘରେ ପାଣି ପଶିଛି ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁଇ ବରିଷ୍ଠ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୨୫।୯ (କେଏନଏସ): ଆକ୍ସନ ମୁଡ୍ ରେ ମୋହନ । ଦୁଇଟି ଭିନ୍ନ ଘଟଣାରେ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଏବଂ କଟକ ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ନିଲମ୍ବିତ କରାଯାଇଛି । ଏହି ନିଲମ୍ବନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ।ସୂଚନାନୁଯାୟୀ, ମିନିଟ୍ ବୁକ୍ ଜାଲିଆତି ଘଟଣାରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳ ଗିରଫ ହୋଇ ଜେଲରେ ଅଛନ୍ତି । ରବିବାର ଚୌଦ୍ୱାର ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା । ଏହି ମାମଲାରେ ସୁଜିତ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ । ହେଲେ ହାଇକୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ । ସେହିପରି ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଗୁରୁବାର ରାତିରେ ଭୁବନେଶ୍ୱରର ଜଣେ ମହିଳା ସହକର୍ମୀଙ୍କ ଘରେ ପଶି ସେଠାରେ ହଙ୍ଗାମା କରିଥିଲେ । ମହିଳାଙ୍କ ସହ ଅସଦାଚରଣ କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସର ଚଉଜ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ପରେ ଅରୁଣ ବିଶ୍ୱାଳଙ୍କୁ ଖାରବେଳନଗର ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା । ଘଟଣା ସମ୍ପର୍କରେ ମହିଳାଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିଥିଲା । ଏହି ଘଟଣାରେ ଅରୁଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ସରକାରଙ୍କ ନିୟମ ଦୃଷ୍ଟିରୁ ୨ ଅଧିକାରୀ ୪୮ ଘଣ୍ଟାରୁ ଅଧିକ ସମୟ ଧରି ଜେଲ୍‌ରେ ରହିଥିବାରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି ।

# ସୁଟିଂରେ ଭାରତକୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ୨୫।୯ (କେଏନଏସ): ଏସୀୟ କ୍ରୀଡ଼ା ୨୦୨୬ରେ ଆଜିର ଦିନଟି ଭଲ ଆରମ୍ଭ ହୋଇପାରି ନଥାନ୍ତା । ମାତ୍ର ଦୁଇ ମିନିଟ୍ ମଧ୍ୟରେ ଭାରତ ଦୁଇଟି ପଦକ ଜିତିଛି । ଏଥିରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଅନ୍ୟଟି ରୌପ୍ୟ । ପିସ୍ତଲ୍ ମିଶ୍ରିତ ଦଳଗତ ଇଭେଣ୍ଟର ଫାଇନାଲରେ କମଲଜିତ୍ ଏବଂ ସୁରୁଚି ସିଂହଙ୍କ ଭାରତୀୟ ଯୋଡ଼ି ପୋଡିୟମ୍ ଉପରେ ଭାରତୀୟ ପତାକା ଉତ୍ତୋଳନ କରିବା ପାଇଁ ଦୃଢ଼ ଢଙ୍ଗରେ ଦକ୍ଷିଣ କୋରିଆର ଶକ୍ତିଶାଳୀ ଯୋଡ଼ିକୁ ପରାସ୍ତ କରିଥିଲେ ।



ଉଭୟ ପଦକ ସୁଟିଂରୁ । ଏହା ସହିତ ଭାରତୀୟ ଦଳ ଏସୀୟ କ୍ରୀଡ଼ା ପଦକ ତାଲିକାରେ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ମାରିଛି । ପୂର୍ବରୁ ଗୋଟିଏ ସ୍ୱର୍ଣ୍ଣ ସହିତ ୧୫ତମ ସ୍ଥାନରେ ଥିଲା, ଏବେ ଏହା ୧୨ତମ ସ୍ଥାନରେ ପହଞ୍ଚିଛି ।ଜାପାନରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରୁ ଭାରତ ପାଇଁ ଏକ ବଡ଼ ଖବର ଆସିଛି । ଭାରତ ସୁଟିଂରେ ଦୁଇଟି ପଦକ ଜିତିଛି । କମଲଜିତ୍ ଏବଂ ସୁରୁଚି ସିଂହଙ୍କ ଯୋଡ଼ି ସୁଟିଂରେ ଦେଶର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି । ଭାରତୀୟ ତ୍ରିମୂର୍ତ୍ତି ଚମତ୍କାର ପ୍ରଦର୍ଶନ କରି ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ । ୧୦ ମିଟର ଏୟାର ଏହା ଏସୀୟ କ୍ରୀଡ଼ାରେ ଭାରତର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ।ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ସ ଦଳଗତ ଇଭେଣ୍ଟରେ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର, ରୁଦ୍ରାକ୍ଷ ପାଟିଲ ଏବଂ ନୀରଜ କୁମାରଙ୍କ ଭାରତୀୟ ଦଳ ସଠିକ୍ ସୁଟିଂ ପ୍ରଦର୍ଶନ କରି ଭାରତର ତାଲିକାରେ ଏକ ରୌପ୍ୟ ପଦକ ଯୋଡିଥିଲେ । ଯୋଗ୍ୟତା ଏବଂ ଦଳଗତ ଇଭେଣ୍ଟ ଉଭୟରେ ସ୍ଥିରତା ଦେଖାଇ, ଭାରତୀୟ ଶୁଟରମାନେ ଦ୍ୱିତୀୟ ସ୍ଥାନ ଅଧିକାର କଲେ ଏବଂ ପୋଡିୟମ ଉପରେ ଭାରତୀୟ ପତାକା ଉତ୍ତୋଳନ କଲେ । ସେମାନଙ୍କ ବିଜୟର ମାତ୍ର ଦୁଇ ମିନିଟ୍ ପରେ ଭାରତ ସୁଟିଂରେ ଆଉ ଏକ ପଦକ ଜିତିଲା । ଏଥର ସ୍ୱର୍ଣ୍ଣପଦକ ହାସଲ ହୋଇଛି ।

## ପାରାଦୀପ ବନ୍ଦରକୁ ମିଳିଲା ମେଗା ପୋର୍ଟ ମାନ୍ୟତା, ସୁଦୃଢ଼ ହେବ ସାମୁଦ୍ରିକ ଭିତ୍ତିଭୂମି

ପାରାଦୀପ, ୨୫।୯ ; ପାରାଦୀପ ପୋର୍ଟକୁ ମିଳିଛି ମେଗା ପୋର୍ଟ ମାନ୍ୟତା । ପୂର୍ବ ଉପକୂଳର ଏକମାତ୍ର ବନ୍ଦରକୁ ମିଳିଛି ଏହି ମାନ୍ୟତା । ଭାରତ ସରକାରଙ୍କ ଭାରତୀୟ ବନ୍ଦର ଆଇନ ୨୦୨୫ ଧାରା ଅନୁଯାୟୀ



ପାରାଦୀପ ବନ୍ଦରକୁ ମେଗା ବନ୍ଦର ଭାବେ ଘୋଷଣା କରାଯାଇଛି । ଏନେଇ ଶୁକ୍ରବାର ବନ୍ଦର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ମୋଟ ଚାରୋଟି ବନ୍ଦରକୁ ମେଗା ପୋର୍ଟ ଭାବେ ଘୋଷଣା କରାଯାଇଛି । ଦୀନଦୟାଲ ବନ୍ଦର (କାଣ୍ଡଲା), ଜବାହରଲାଲ ନେହେରୁ ବନ୍ଦର (ନ୍ୟାଭା ସେବା), ପାରାଦୀପ ବନ୍ଦର ଏବଂ ମୁନ୍ଦ୍ରା ବନ୍ଦରକୁ ମେଗା ପୋର୍ଟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଘୋଷଣା ପରେ ପୂର୍ବ ଉପକୂଳରେ ପାରାଦପ ଏବେ ପ୍ରମୁଖ ସାମୁଦ୍ରିକ ପ୍ରବେଶ ଦ୍ୱାର ହୋଇଛି । ଏହାଦ୍ୱାରା ସାମୁଦ୍ରିକ ଭିତ୍ତିଭୂମି ସୁଦୃଢ଼ ହେବ, ବାଣିଜ୍ୟ ଓ ସଂଯୋଗୀକରଣ ମଧ୍ୟ ବ୍ୟାପକ ହେବ । ଏହାଦ୍ୱାରା ଓଡ଼ିଶାର ଶିଳ୍ପାୟନ, ଆନ୍ତର୍ଜାତୀୟ ନୌବାଣିଜ୍ୟ କ୍ଷେତ୍ର ଓ ରୋଜଗାର ସୁଯୋଗରେ ଏକ ବଡ଼ ପରିବର୍ତ୍ତନ ଆସିବ ।

# ବିରୋଧୀଙ୍କ ହଟ୍ଟଗୋଳ : ଗୃହ ଅଚଳ

ଭୁବନେଶ୍ୱର, ୨୫।୯ (ମହାଭାରତ): ବିଧାନସଭା ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଏମଏମଡିଆର ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିବା ଯୋଗୁଁ ଗୃହ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା । ଏହାପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଥମେ ଅପରାହ୍ନ ୪ଟା ଯାଏଁ ବିଧାନସଭା ମୁଲତବୀ କରିଥିଲେ । ପରେ ଉପବାଚସ୍ପତିଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ବିଫଳ ହେବାରୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ମଧ୍ୟ ଶୁକ୍ରବାର ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଗୃହର ପ୍ରଥମାର୍ଦ୍ଧ ବାଧାପ୍ରାପ୍ତ ହୋଇଛି । ଏମ୍‌ଏମ୍‌ଡିଆର୍ ଆଇନକୁ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଦର୍ଶାଇ ଏହାକୁ ପ୍ରତ୍ୟାହାର ଦାବିରେ ବିଜେଡି ଓ କଂଗ୍ରେସର ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ । ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ସମେତ ଗୃହର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଥିଲା । ଗତିରୋଧ ଜାରି ରହିବାରୁ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମାତ୍ର ୪ ମିନିଟ୍ ପରେ ଗୃହକାର୍ଯ୍ୟକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ସକାଳ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଶ୍ନକାଳ ଆରମ୍ଭ କରିବାର ପ୍ରକ୍ରିୟା ଆଗକୁ ବଢ଼ାଇଥିଲେ । ଏହି ସମୟରେ ବିରୋଧୀ ବିଧାୟକମାନେ ଏମ୍‌ଏମ୍‌ଡିଆର୍ ଆଇନକୁ ନେଇ ନାରାବାଜି ଆରମ୍ଭ କରିଥିଲେ । ଏହାପରେ




ବିରୋଧୀ ସଦସ୍ୟମାନେ ନିଜ ଆସନରୁ ଉଠି ଗୃହର ମଧ୍ୟଭାଗକୁ ଚାଲିଆସିଥିଲେ । ସେମାନଙ୍କ ହାତରେ ପ୍ଲାକାର୍ଡ ଥିଲା, ଯେଉଁଥିରେ ସରକାର ଓ ଏମ୍‌ଏମ୍‌ଡିଆର୍ ଆଇନ ବିରୋଧୀ ନାରା ଲେଖାଯାଇଥିଲା ।ହଟ୍ଟଗୋଳ ମଧ୍ୟରେ ଉପବାଚସ୍ପତି ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକଙ୍କ ଓପନ୍ ସ୍କୁଲ୍ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବା ପାଇଁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଆମନ୍ତ୍ରଣ କରିଥିଲେ । ଗୃହରେ ହୋହଲ୍ଲା ସତ୍ତ୍ୱେ ମନ୍ତ୍ରୀ ପ୍ରଶ୍ନର ଉତ୍ତର ଦେଇଥିଲେ ।

ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ହଟ୍ଟଗୋଳ କରୁଥିବା ବିରୋଧୀ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହର କାର୍ଯ୍ୟବିଧି ସୁଚାରୁ ରୂପେ ଚଳାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ତେବେ ବିରୋଧୀ ସଦସ୍ୟମାନେ ନାରାବାଜି ଜାରି ରଖିଥିଲେ ଏବଂ ଗୃହର ପରିବେଶ ଲଗାତାର କୋଳାହଳପୂର୍ଣ୍ଣ ରହିଥିଲା ।

ଏହାପରେ ଉପବାଚସ୍ପତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଏକ ପ୍ରଶ୍ନର ଉତ୍ତର ଦେବାକୁ ଆମନ୍ତ୍ରଣ କରିଥିଲେ । ସେ ହଟ୍ଟଗୋଳ ମଧ୍ୟରେ ଉତ୍ତର ଦେବା ଆରମ୍ଭ କରିଥିଲେ, କିନ୍ତୁ ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦ ଜାରି ରହିଥିଲା । ପରିସ୍ଥିତି ସ୍ୱାଭାବିକ ନହେବାରୁ ଉପବାଚସ୍ପତି ଗୃହର କାର୍ଯ୍ୟବିଧିକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ପରେ ଉପବାଚସ୍ପତିଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ବିଫଳ ହେବାରୁ ଗୃହକୁ ଉପବାଚସ୍ପତି ସୋମବାର ଯାଏଁ ମୁଲତବୀ ଘୋଷଣା କରିଥିଲେ ।

ଉଲ୍ଲେଖଯୋଗ୍ୟ, ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଥିଲା । ଅଧିବେଶନର ପ୍ରଥମ ଦିନରେ ମଧ୍ୟ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଏବଂ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିରୋଧୀ ବିଧାୟକମାନେ ଜୋରଦାର ହଟ୍ଟଗୋଳ କରିଥିଲେ । ଦିବଙ୍ଗତ ବିଧାୟକମାନଙ୍କ ଏବଂ ନେପାଳରେ ହୋଇଥିବା ବନ୍ୟାକୁ ନେଇ ଶୋକ ପ୍ରସ୍ତାବ ପାରିତ ହେବା ପରେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଆରମ୍ଭ କରିଥିଲେ । ହଟ୍ଟଗୋଳ ଯୋଗୁଁ ପ୍ରଥମ ଦିନରେ ମଧ୍ୟ ଗୃହର କାର୍ଯ୍ୟବିଧି ପ୍ରଭାବିତ ହୋଇଥିଲା । ବୁଧବାର ଓ ଗୁରୁବାର ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଥିଲା । ଏହି କାରଣରୁ ଦ୍ୱିତୀୟ ଓ ତୃତୀୟ ଦିନରେ ମଧ୍ୟ କୌଣସି କାର୍ଯ୍ୟବିଧି ହୋଇପାରିନଥିଲା ।



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଞ୍ଜାମରେ ନମାମି ଭାରତମ୍ କାର୍ଯ୍ୟକ୍ରମ ପାଳିତ

ଗଞ୍ଜାମ, **୨୫।୯ :(ମନ୍ଥନ)**ଗଞ୍ଜାମ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନମାମି ଭାରତମ୍ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରକାଶ ଚନ୍ଦ୍ର ରାଉଳ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତେ ମିଳିତ କଣ୍ଠରେ ବନ୍ଦେ ମାତରମ୍ ଗାନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ ସହ ବନ୍ଦେ ମାତରମ୍ ର ମହତ୍ତ୍ୱ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭେଚ୍ଛୁ ଅଭିଭାବକଗଣ ନିରଞ୍ଜନ ତରାଇ, ସୁଶାନ୍ତ ତରାଇ, ଗୋପାଳ କୃଷ୍ଣ ଦାଶ, ଶିକ୍ଷାବିତ୍ ବିଜୟ



କୁମାର ପଣ୍ଡା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ବିନୋଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ହରିହର ପାତ୍ର ଓ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଉପସ୍ଥିତ ଥିଲେ ।

## କୁଚିଣ୍ଡା କଂଗ୍ରେସ ତରଫରୁ ୧୨ ଘଣ୍ଟିଆ ବନ୍ଦ ଡାକରା

କୁଚିଣ୍ଡା,**୨୫।୯ :(ମନ୍ଥନ)** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ର ବିଭିନ୍ନ ସମସ୍ୟା ନେଇ ଆଜି କୁଚିଣ୍ଡା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଝୁଲେନ ପୋଲ ବ୍ରିଜର କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବା, ମହୁଲଡିହି-ଲସା ବ୍ରିଜର ଆପ୍ରୋଚ୍ ରୋଡ୍ କାମ ଅଧପନ୍ତରିଆ ହୋଇ ପଡ଼ିବା ସହ ଟିପିଡବ୍ଲୁଓଡିଏଲ୍ ?ର ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ପାନୀୟ ଜଳ ଓ କୃଷି କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ନେଇ ସମସ୍ୟାର ସମାଧାନ ଦାବିରେ କୁଚିଣ୍ଡା ନଗର କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ କୁଚିଣ୍ଡା ବନ୍ଦ ଡାକରା ଦିଆଯାଇଛି। ବନ୍ଦ ସମୟରେ ଜରୁରୀ ସେବାକୁ ବାଦ୍ ଦେଇ ଦୋକାନ ବଜାର, ଗାଡ଼ି ଚଳାଚଳ ସମେତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି କୁହାଯାଇଛି। କୁଚିଣ୍ଡାର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ନଗର କଂଗ୍ରେସର ଏହି ବନ୍ଦ ଡାକରାକୁ ନେଇ କୁଚିଣ୍ଡା ରେ ରାଜନୈତିକ ତାତି ବଢ଼ିଛି। ଏବେ ପ୍ରଶାସନ ପକ୍ଷରୁ ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ କି ପଦକ୍ଷେପ ନିଆଯାଉଛି, ତା' ଉପରେ ନଜର ସମସ୍ତଙ୍କର ରହିଛି କ୍ଷ ଏହି ବନ୍ଦ କାର୍ଯ୍ୟକ୍ରମ ରେ କୁଚିଣ୍ଡା କଂଗ୍ରେସ ର ଅଖିଳ ପ୍ରତାପ ସିଂ,କେଦାର ନାଥ ବରିହା,ଟୁନା ମହାନନ୍ଦ, ଟୁଲୁ ଶର୍ମା, ଦୀପା ସାହୁ ଆଶିଷ କୁମାର ସିଂ କଂଗ୍ରେସ ର ସମସ୍ତ କର୍ମକର୍ତ୍ତା ଯୋଗଦେଇ କୁଚିଣ୍ଡା ବନ୍ଦ କୁ ସଫଳ କରିଥିଲେ।

## ସମ୍ଭାବ୍ୟ ଚକଡ଼ା ପୋକ ପ୍ରାଦୁର୍ଭାବ ପାଇଁ ସଚେତନତା କାର୍ଯ୍ୟକ୍ରମ

ଆଠମଲ୍ଲିକ,**୨୫।୯ :(ମନ୍ଥନ)** ରାଜ୍ୟର ସାମ୍ପ୍ରତିକ ପାଣିପାଗ କୁ ଦେଖିଲେ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡ଼ା ପୋକ ଲାଗିବାର ସମ୍ଭାବନା ଅଛି । ତେଣୁ କୃଷି ବିଭାଗର ନିର୍ଦ୍ଦେଶକ୍ରମେ ଏହି ପୋକ ପ୍ରାଦୁର୍ଭାବ ଗୁରୁତର ହେବା ପୂର୍ବରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ । ଏହିକ୍ରମରେ ଗତ ବୁଧବାର ଏବଂ ଗୁରୁବାର ଦୁଇଦିନ ଧରି ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହାସିଂହା ଗ୍ରାମପଞ୍ଚାୟତର କେନ୍ଦୁପାଟି, ନ ଅ ଗାଁ ଗ୍ରାମପଞ୍ଚାୟତର ଲିପିଲୋଇ, ଠାକୁରଗଡ଼ ଗ୍ରାମପଞ୍ଚାୟତର ଦିନବନ୍ଧୁପୁର ଗ୍ରାମ ରେ ଚକଡ଼ା ପୋକ ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୋଳ ଏବଂ କୃଷି ଜିଲ୍ଲା ଅଧିକାରୀ, ଆଠମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ କୃଷି ଅଧିକାରୀ ଶ୍ରୀ



ଜଗନ୍ନାଥ ବାରିକ୍ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ଆୟୋଜିତ କରିଥିଲେ । ଏହି ସଚେତନତା ଶିବିର ଗୁଡିକରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ଦେବାଶିଷ ମିଶ୍ର ଯୋଗଦେଇ କୃଷକମାନଙ୍କୁ ଧାନ ଫସଲକୁ ଆକ୍ରାନ୍ତ କରୁଥିବା ଚକଡ଼ା ପୋକ ଏବଂ ଅନ୍ୟାନ୍ୟ ରୋଗ ପୋକ ଗୁଡ଼ିକର ଲକ୍ଷଣ ତଥା ସଫଳ ପରିଚାଳନା ବିଧି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଚକଡ଼ା ପୋକ ପରିଚାଳନା ବିଧି ଉପରେ ଲିଖିତ ଏକ କରପତ୍ର ମଧ୍ୟ କୃଷକ ମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ସଚେତନ କରାଯାଇଥିଲା । ଆଠମଲ୍ଲିକ ବ୍ଲକର ଏଟିଏମ୍ ତଥା ବିଭିନ୍ନ ପଞ୍ଚାୟତର ଭିଏଡବ୍ଲ୍ୟୁମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ଆଗାମୀ ଦିନରେ ଏହିଭଳି ଆହୁରି ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ବାରିକ୍ କହିଛନ୍ତି ।

## ଓଡିଶା ଟି-୨୦ ଲିଗ୍‌ରେ ବଲାଙ୍ଗିରର ତିନି ଯୁବ କ୍ରିକେଟର ସିଏମ୍ ଟ୍ରଫି ୨୦୨୬ ପାଇଁ ଦିବ୍ୟମ, ଓମ୍‌କାର ଓ ଯୋଗେଶ୍ୱର ମନୋନିତ

ବଲାଙ୍ଗିର,**୨୫।୯ :(ମନ୍ଥନ)**ଓଡିଶା ଟି-୨୦ କ୍ରିକେଟ ଲିଗ୍ ୨୦୨୬ ସିଏମ୍ ଟ୍ରଫି ପାଇଁ ବଲାଙ୍ଗିର ଜିଲ୍ଲାର ତିନି ଉଦୀୟମାନ କ୍ରିକେଟ ପ୍ରତିଭା ମନୋନୀତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । କଣ୍ଟାବାଞ୍ଜି ସହରର ଦିବ୍ୟମ ଛାପଡିଆ, ବଲାଙ୍ଗିର ସହରର ଓମ୍‌କାର ମହାନ୍ତି ଏବଂ ଯୋଗେଶ୍ୱର ବାଗ ଏହି ପ୍ରତିଷ୍ଠିତ ଟି-୨୦ ଲିଗରେ ଭିନ୍ନ ଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଓମ୍‌କାର ମହାନ୍ତି ଙ୍କୁ ରାଉରକେଲା ଦଳ ଏବଂ ଯୋଗେଶ୍ୱର ବାଗଙ୍କୁ କେଉଁଝର ଦଳ ପକ୍ଷରୁ ମୋନୀତ କରାଯାଇଛି । ଦିବ୍ୟମ ଛାପଡିଆ ମଧ୍ୟ ରାଉରକେଲା ଦଳରୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ପାଇଛନ୍ତି । ବଲାଙ୍ଗିର ମାଟିରୁ ତିନି ଜଣ ଯୁବ କ୍ରିକେଟର ରାଜ୍ୟସ୍ତରୀୟ ଟ-୨୦ ପ୍ରତିଯୋଗିତା ରେ ସ୍ଥାନ ପାଇବା ଜିଲ୍ଲାର କ୍ରୀଡାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଛି । ଏହି ଚୟନ ଜିଲ୍ଲାର ଉଦୀୟମାନ କ୍ରିକେଟ ପ୍ରତିଭାଙ୍କ ପାଇଁ ଏକ ନୂଆ ଆଶା ଓ ପ୍ରେରଣା ସୃଷ୍ଟି କରିଛି । ଏହି ଗୌରବମୟ ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଦିବ୍ୟମ ଛାପଡିଆ, ଓମ୍‌କାର ମହାନ୍ତି ଓ ଯୋଗେଶ୍ୱର ବାଗଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି । ଆଗାମୀ ଦିନରେ ସେମାନେ ନିଜ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ବଲାଙ୍ଗିର ତଥା ଓଡିଶା ର ଗୌରବ ବଢାଇବେ ବୋଲି କ୍ରୀଡାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି ।

## ତୁଲଣ୍ଡି ଗାଁ ଗସ୍ତ କଲେ ନରସିଂହ

ବଲାଙ୍ଗିର,**୨୫।୯ :(ମନ୍ଥନ)** ସଦର ବ୍ଲକ ମିରଧାପାଲି ପଂଚାୟତ ଅନ୍ତର୍ଗତ ତୁଲଣ୍ଡି ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ସୁବିଧା ଅସୁବିଧା ତଥା ସମସ୍ୟା ଶୁଣିଲେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର । ଗାଁ ର ବିଭିନ୍ନ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ସହ ହେଲା ବିସ୍ତୃତ ଆଲୋଚନା । ଗ୍ରାମବାସୀଙ୍କ ଅନେକ ଦାବି ମଧ୍ୟରୁ ବହୁ ପ୍ରତିକ୍ଷିତ ଦାବି ହେଲା ଯେତେବେଳେ ନିର୍ବାଚନ ସମୟ ଆସେ ଗାଁ ଲୋକ ଭୋଟ ଦେବା ପାଇଁ ୩/୪ କିଲୋମିଟର ଦୂର ମିର୍ଦ୍ଧାପାଲିକୁ ମତଦାନ ଦେବା ପାଇଁ ଯାଆନ୍ତି, ଯାହା ଫଳରେ କି ଅନେକ ଅନେକ ବୃଦ୍ଧ ବୃଦ୍ଧା ତଥା ରୋଗାକ୍ରାନ୍ତ ଲୋକ ସମ୍ବିଧାନ ଦେଇଥିବା ମତଦାନ ଅଧିକାର ରୁ ବଂଚିତ ହୁଅନ୍ତି । ଯଦି ନିଜ ଗାଁ ରେ ମତଦାନ କେନ୍ଦ୍ର ହୁଅନ୍ତା ସମସ୍ତେ ଅନାୟସରେ ନିଜର ମତ ସାବ୍ୟସ୍ତ କରିପାରନ୍ତେ । ଗାଁ ର ମଧ୍ୟ ଭାଗରେ ଥିବା ଏକ ପୁରାତନ ମନ୍ଦିର ଯେଉଁଠି କି ପାଣି ସମସ୍ୟା ସବୁବେଳେ ଲାଗି ରହେ । ସେଇଠି ଯଦି ଗୋଟିଏ ନଳକୂପ ଖନନ କରାଗଲେ ଗ୍ରାମବାସୀଙ୍କ ପାଣି ସମସ୍ୟା କିଛିକାଂଶ ରେ ଦୂର ହୋଇପାରିବ । ଏହା ବ୍ୟତିତ ଲୋକଙ୍କ



ଅଭିଯୋଗ ଅନୁଯାୟୀ ଏବେ ମଧ୍ୟ ଅନେକ ଗରୀବ ଶ୍ରେଣୀର ଲୋକ ଅଛନ୍ତି ଯାହାଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନାହିଁ । ଗାଁ ର ଅନେକ ସମସ୍ୟା ମଧ୍ୟରୁ ପିଇବା ପାଣି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ପିଇବା ପାଣି ଯୋଗାଣର ଲୁଚକାଳି ଖେଳ ଗାଁ ଲୋକଙ୍କୁ ଅତିଷ୍ଠ କରି ସାରିଲାଣି ଅତଏବ ଏହି ସବୁ ଦାବିକୁ ଯଦି ପ୍ରଶାସନ ଅଣଦେଖା କରେ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ । ଲୋକଙ୍କ ସମସ୍ୟା ଶୁଣି ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ସମସ୍ତ ସମସ୍ୟାର ଆଶୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ତାର ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଗାଁ ର ରାସ୍ତା ଏବେ ଜରାଜିର୍ଣ୍ଣ ତେଣୁ ଏହାର ପୁନଃନିର୍ମାଣ ଅତ୍ୟନ୍ତ ଜରୁରି ବୋଲି ଶ୍ରୀମିଶ୍ର ଙ୍କୁ ଲୋକେ ଅଭିଯୋଗ କରିଥିଲେ । ରାସ୍ତା ନିର୍ମାଣ ଦିଗରେ ମଧ୍ୟ ବିହିତ ପଦକ୍ଷେପ ନେବା ପାଇଁ ଶ୍ରୀ ମିଶ୍ର କହିଥିଲେ । ଶ୍ରୀ ମିଶ୍ର ଆଜିର ଗସ୍ତ ସମୟରେ ଶ୍ରୀ ମିଶ୍ରଙ୍କ ସହ ବେଲାରସେନ ମିଶ୍ର, ନିମାଇଁ ମିଶ୍ର, ହରେକୃଷ୍ଣ ପ୍ରଧାନ, ବିରେନ ହରପାଲ ଓ ରମେଶ ଙ୍କ ସହ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଉପଜିଲ୍ଲାପାଳଙ୍କ ପଦକ୍ଷେପକୁ ଜନସାଧାରଣ ଙ୍କ ପ୍ରଶଂସା

ଆଠମଲ୍ଲିକ,**୨୫।୯ :(ମନ୍ଥନ)**ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ସୋଲଣ୍ଡା ଗ୍ରାମ ର ସୁମିତ୍ରା ଦେହୁରୀ ସ୍ୱାମୀ ଭୀମସେନ ଦେହୁରୀ ଏକ ସମସ୍ୟା ର ସମାଧାନ ପାଇଁ ଉପଜିଲ୍ଲାପାଳ ଙ୍କ ନିକଟ କୁ ଆସି ଗୁହାରୀ କରିଥିଲେ । ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ତାଙ୍କ ର ଶାରୀରିକ ଅବସ୍ଥା ଦେଖି ସ୍ୱାସ୍ଥ୍ୟ ବିଷୟ ପଚାରିଥିଲେ । ସୁମିତ୍ରା ଦେହୁରୀ କିଡ଼ନୀ ଜନିତ ରୋଗ ରେ ଆକ୍ରାନ୍ତ ବୋଲି ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ତୁରନ୍ତ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ ଙ୍କୁ ଡକାଇ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ସ୍ୱାସ୍ଥ୍ୟ




ପରୀକ୍ଷା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାଶ ଆଠମଲ୍ଲିକ ମୁଖ୍ୟ ଡାକ୍ତର ଖାନା କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ରେ ବୃଦ୍ଧା ସୁମିତ୍ରା ଦେହୁରୀ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବା ଜାଣିବାକୁ ପାଇଥିଲେ । ଉପଜିଲ୍ଲାପାଳ ଶ୍ରୀ ଲୁହା ତୁରନ୍ତ ରେଡ଼କ୍ରସ ଫଣ୍ଡ ରୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରି ଉନ୍ନତ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଡାକ୍ତର ଖାନା କୁ ସ୍ଥାନାନ୍ତର କରାଇବାର ବ୍ୟବସ୍ଥା କରାଇଥିଲେ । ଉପଜିଲ୍ଲାପାଳ ଙ୍କ ର ଏପରି କାର୍ଯ୍ୟ କୁ ସାଧାରଣ ରେ ପ୍ରଶଂସା କରା ଯାଇଛି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଞ୍ଜାମରେ ନମାମି ଭାରତମ୍ କାର୍ଯ୍ୟକ୍ରମ ପାଳିତ

ଗଞ୍ଜାମ,**୨୫।୯ :(ମନ୍ଥନ)**ଗଞ୍ଜାମ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନମାମି ଭାରତମ୍ କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରକାଶ ଚନ୍ଦ୍ର ରାଉଳ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତେ ମିଳିତ କଣ୍ଠରେ ବନ୍ଦେ ମାତରମ୍ ଗାନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ ସହ ବନ୍ଦେ ମାତରମ୍ ର ମହତ୍ତ୍ୱ ବିଷୟରେ କହିଥିଲେ। ଏହି



କାର୍ଯ୍ୟକ୍ରମରେ ଶୁଭେଚ୍ଛୁ ଅଭିଭାବକଗଣ ନିରଞ୍ଜନ ତରାଇ, ସୁଶାନ୍ତ ତରାଇ, ଗୋପାଳ କୃଷ୍ଣ ଦାଶ, ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ବିନୋଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ହରିହର ପାତ୍ର ଓ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଉପସ୍ଥିତ ଥିଲେ ।

## ଅରଡା ଗ୍ରାମରୁ ୨ କେଜି ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କଲା ଅବକାରୀ ବିଭାଗ,ଯୁବକ ଗିରଫ

ଜଗତସିଂହପୁର,**୨୫।୯ :(ମନ୍ଥନ)**ପ୍ରାୟ ସକାଳ ୯ଟା ପାଖାପାଖି ତିର୍ତ୍ତୋଲ ଥାନା ଅନ୍ତର୍ଗତ ଅରଡା ଗ୍ରାମରେ ଚଢଉ କରି ୨କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରିଛି ତିର୍ତ୍ତୋଲ ଅବକାରୀ ଥାନା ଯାହାର ଆନୁମାନିକ ମୂଲ୍ୟ ୨୧,୦୦୦/- ଟଙ୍କା ହେବ। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ସକାଳେ ଅରଡା ଗ୍ରାମରେ ଚଢଉ କରିଥିଲା। ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ବ୍ୟାଗକୁ ନେଇ ଖସିପଳାଇବାକୁ ଚେଷ୍ଟା କରୁଥିବାବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ପିଛା କରିବା ପରେ ଅରଡା ଠାରେ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୨କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ବାଲିସାହି ଗ୍ରାମର ଟହଲି ନାଥଙ୍କ ପୁଅ ଅକ୍ଷୟ କୁମାର ନାଥ। ତାଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ତିର୍ତ୍ତୋଲ ଅବକାରୀ ଥାନା କେସ୍ ନଂ ୭୨?୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜଗତସିଂହପୁର ଜିଲ୍ଲା ଣିରାଜଜ ଙ୍କ କୋର୍ଟ କୁ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗିୟ ହାଜତକୁ ପଠାଯାଇଛି। ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଲ ଦିନବନ୍ଧୁ ସେଠୀ, ବର୍ଷାରାଣୀ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।ଜିଲ୍ଲା ଅବକାରୀ ବିଭାଗ ନର୍କ ?ଟିକ୍ସ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚାଲାଇବାକୁ ସଂକଳ୍ପବଦ୍ଧ ଥିବାର ପ୍ରକାଶ କରିଛନ୍ତି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ।

## ସେବା ସଂକଳ୍ପରେ ବିକଶିତ ଭାରତର ସ୍ୱପ୍ନ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ

ଅନୁଗୋଳ,**୨୫।୯ :(ମନ୍ଥନ)** ଆଜି ସ୍ଥାନୀୟ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ–୨୦୨୬ ଅନ୍ତର୍ଗତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। "ବିକଶିତ ଭାରତ ଏବଂ ୨୫ ବର୍ଷର ସେବା" ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେବା, ସମର୍ପଣ ଓ ସାମାଜିକ ଦାୟିତ୍ୱର ଭାବନାକୁ ଛାତ୍ରଛାତ୍ରୀଙ୍କ ମନରେ ଜାଗ୍ରତ କରିବା ସହିତ ବିକଶିତ ଭାରତ ଗଠନରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ସଚେତନ କରାଇବା। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ସେବା ଓ ସମାଜ ପ୍ରତି ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନେ ନିଜର ଚିନ୍ତନ, ସୃଜନଶୀଳତା ଓ ପ୍ରତିଭା ମାଧ୍ୟମରେ ବିକଶିତ ଭାରତର ସ୍ୱପ୍ନକୁ ଚିତ୍ରିତ ଓ ପ୍ରକାଶିତ କରିଥିଲେ ।ଏହି ଅବସରରେ ଅନୁଗୋଳ ମୁନିସିପାଲିଟିର ୧୪ ନମ୍ବର ୱାର୍ଡର କାଉନସିଲର ଶ୍ରୀ ଶଙ୍କର ସେଠୀ ଅତିଥି ଭାବେ ଯୋଗଦେଇ



ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ନିଜର ସୃଜନଶୀଳ ପ୍ରତିଭାକୁ ସମାଜର ହିତରେ ବ୍ୟବହାର କରିବା ସହିତ ଦେଶର ବିକାଶ ଯାତ୍ରାରେ ଯୁବପିଢ଼ି ଅଧିକ ସକ୍ରିୟ ଭାବେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ ।ବକ୍ତୃତା ପ୍ରତିଯୋଗିତାରେ ପ୍ରତିଯୋଗୀମାନେ "ବିକଶିତ ଭାରତ ଏବଂ ୨୫ ବର୍ଷର ସେବା" ବିଷୟ ଉପରେ ନିଜର ମତାମତ ଉପସ୍ଥାପନ କରିଥିବା ବେଳେ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଚିତ୍ର ମାଧ୍ୟମରେ ସେବା, ବିକାଶ ଓ ଭାରତର ଭବିଷ୍ୟତର ବିଭିନ୍ନ ଦିଗକୁ ପ୍ରତିଫଳିତ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ଉତ୍ସାହ, ସୃଜନଶୀଳତା ଓ ସେବା ମନୋଭାବ ପ୍ରକାଶ ହେବା ସହ ଶିକ୍ଷା ଓ ସାମାଜିକ ସଚେତନତା ସୃଷ୍ଟି କରିଥିଲା।"ସେବା ହିଁ ସଂକଳ୍ପ, ସଂକଳ୍ପ ହିଁ ବିକାଶ—ବିକଶିତ ଭାରତ ଗଠନରେ ପ୍ରତ୍ୟେକ ନାଗରିକର ଭୂମିକା ଅନନ୍ୟ।"

## କଳିଙ୍ଗା ଘାଟିରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ: କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କନ୍ଧମାଳ,**୨୫।୯ :(ମନ୍ଥନ)**ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ କଳିଙ୍ଗା ଘାଟି ଦେଇ ଯାତାୟାତ ଉପରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଆଦେଶନାମା ସଂଖ୍ୟା ୯୮୮/ରଞ୍ଜଶ. ତାରିଖ: ୨୪/୦୯/୨୦୨୬ ଅନୁଯାୟୀ ଏହି ନିର୍ଦ୍ଦେଶ ଜାରି ହୋଇଛି ।ପ୍ରବଳ ବର୍ଷା ସତର୍କତା: ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ (ଝଜଉ) ସୂଚନା ଅନୁସାରେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗାର୍ଡ ୱାଲ୍ ନଷ୍ଟ ଓ ଭୂସ୍ଖଳନ ଭୟ: କଳିଙ୍ଗା ଘାଟିର ଅନ୍ଧାରିକୋଟ ନିକଟରେ ଥିବା ସୁରକ୍ଷା ପ୍ରାଚୀର (ଗାର୍ଡ ୱାଲ୍) ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି, ଯାହା



ଫଳରେ ସେଠାରେ ଭୂସ୍ଖଳନ ହେବାର ଆଶଙ୍କା ଦେଖାଦେଇଛି। ପ୍ରବେଶ ଉପରେ କଟକଣା: ଯେକୌଣସି ଅପ୍ରୀତିକର ପରିସ୍ଥିତି ଏବଂ ବିପଦକୁ ଏଡ଼ାଇବା ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଳିଙ୍ଗା ଘାଟିରେ ଯାତାୟାତ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କାର୍ଯ୍ୟ ବନ୍ଦ ଓ ସୁରକ୍ଷା ବ୍ୟବସ୍ଥା: ଏହି ରାସ୍ତା ଉପରେ ନଜର ରଖିବାକୁ ପୋଲିସ ମୁତୟନ କରିବା ସହ ଘାଟିରେ ଚାଲିଥିବା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଏବଂ ଶ୍ରମିକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।ସୁରକ୍ଷା ଦୃଷ୍ଟିରୁ ସାଧାରଣ ଲୋକଙ୍କୁ ଏହି ସମୟରେ କଳିଙ୍ଗା ଘାଟି ରାସ୍ତା ବ୍ୟବହାର ନ କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

## ଗଣେଶ ଭଶାଣିରେ ଡିଜେ ସାଉଣ୍ଡକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହଣା କଟ,୭ ଗୁରୁତର

ଧାମନଗର,**୨୫।୯ :(ମନ୍ଥନ)** ଧାମନଗର ଏନ ଏ ସି ଅନ୍ତର୍ଗତ ଥାନା ନିକଟସ୍ଥ ତାଳପଦା ଗ୍ରାମ ଜେନାସାହିରେ ବୁଧବାର ଦିନ ଗଣେଷ ଭଶାଣିରେ ଡିଜେ ସାଉଣ୍ଡକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ ନେଇ ପୁଣି ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ଓ ହଣା କଟା ହୋଇ ୭ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ଧାମନଗର ଥାନା ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକ ଓ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ପ୍ରଥମେ ଧାମନଗର ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ପଠାଯାଇଛି। ଦିଆଯାଇଥିବା ସୂଚନାନୁଯାୟୀ ଜେନାସାହିର ଗଣେଶ ଭଶାଣି ବେଳେ ଦୁଇ ଗୋଷ୍ଠୀର ଡିଜେ ସାଉଣ୍ଡକୁ ନେଇ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଗ୍ରାମରେ କେଉଁ ଡିଜେ ଅଧିକ ଜୋରରେ ବାଜିଥିଲା ତାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ମଧ୍ୟରେ ମାଡ଼ପିଟ ଓ ମାରଣାସ୍ତ୍ରରେ ହଣାହଣି ହୋଇଥିବା ସୂଚନା ମିଳିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଘଟଣାରେ ବିଜେପି ସମର୍ଥିତ ଓ ବିଜେଡି ସମର୍ଥିତଙ୍କ ମଧ୍ୟରୁ ୭ଜଣ ଗୁରୁତର ହୋଇଥିବା ଜଣାପଡିଛି ।ତେବେ ସୂଚନା ଅନୁଯାୟୀ ୭ ଜଣ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ କିଛି ଲୋକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ଗ୍ରାମରେ ପୋଲିସ ମୁତୟନ ହୋଇ ଥିବା ବେଳେ ଖବର ଲେଖିବା ପର୍ଯ୍ୟନ୍ତ ଥାନାରେ କୈଳାସ ମାମଲା ରୁଜୁ ହୋଇନଥିବା ଆଇଆଇସିଙ୍କ ଠାରୁ ସୂଚନା ମିଳିଛି।

## ବିଜୁ ଜନତା ଦଳର ଜିଲ୍ଲା ସାଙ୍ଗଠନିକ କମିଟି ରଉପସଭାପତି ଭାବେ ସ୍ଥାନ ପାଇଲେ ପ୍ରସନ୍ନ ଓ ଦେବାଶିଷ

ଡେଲାଙ୍ଗ,**୨୫।୯ :(ମନ୍ଥନ)**ପୁରୀ ଜିଲ୍ଲା ବିଜୁ ଜନତା ଦଳ ସାଙ୍ଗଠନିକ କମିଟି ଘୋଷଣା କରାଯାଇଛି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଶଙ୍ଖ ଭବନ ବିଜୁ ଜନତା ଦଳ ପକ୍ଷରୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ପିପିଲି ନିର୍ବାଚନ ମଣ୍ଡଳୀର ଦେବାଶିଷ ନନ୍ଦ ଓ ପ୍ରସନ୍ନ ସାହୁ ଙ୍କ ନାମ ଜିଲ୍ଲା ବିଜେଡି ଉପସଭାପତି ଭାବେ ସ୍ଥାନ ମିଳିଛି । ତାଙ୍କ ନାମ ଘୋଷଣା ହେବା ପରେ ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଶୁଭେଚ୍ଛା ର ସୁଅ ଛୁଟିଛି। ଉଭୟଙ୍କ ରାଜନୈତିକ ଦକ୍ଷତା ରହିଥିବା ବେଳେ ପ୍ରସନ୍ନ ସାହୁ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ୧୬ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ ରହିଛନ୍ତି। ସେହିପରି ଦେବାଶିଷ ନନ୍ଦ ଡେଲାଙ୍ଗ ବ୍ଲକର ୧୭ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ରହିଥିଲେ। ଶ୍ରୀ ନନ୍ଦଙ୍କ ଧର୍ମପତ୍ନୀ ଦେବସ୍ମିନି ନନ୍ଦ ପିପିଲି ବ୍ଲକ ଅଧ୍ୟକ୍ଷା ରହିଛନ୍ତି । ଶ୍ରୀ ନନ୍ଦଙ୍କ ଉଭୟ ଡେଲାଙ୍ଗ-ପିପିଲି ବ୍ଲକରେ ରାଜନୈତିକ ଦକ୍ଷତା ରହିଥିବା ସହ ବିଭିନ୍ନ ପଂଚାୟତରେ ସଂଗଠନ ମଜଭୁତ ରହିଛି । ଉଭୟଙ୍କୁ ବିଜୁ ଜନତା ଦଳ ଭରସା କରି ଦଳର ସଂଗଠନ କୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ଡେଲାଙ୍ଗ ପିପିଲି ବିଜୁ ଜନତା ଦଳର କର୍ମୀଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳି ଯାଇଛି। ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ସ୍ୱାଧିନ କୁମାର ନାୟକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରହିଥିବା ବେଳେ ସାଧାରଣ ସମ୍ପାଦକ ୩ଜଣ ଉପସଭାପତି ଭାବେ ୧୩ଜଣଙ୍କୁ ନିଯୁକ୍ତି ମିଳିଥିବା ନେଇ ଶଙ୍ଖ ଭବନ ପକ୍ଷରୁ ଚିଠି ମାଧ୍ୟମରେ ଘୋଷଣା କରାଯାଇଛି । ଶ୍ରୀଯୁକ୍ତ ସାହୁ ଓ ନନ୍ଦ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥିଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ହୁଲପାଲି ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ

କୁଚିଣ୍ଡା,୨୫।୯ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ମହୁଲପାଲି ହାଇସ୍କୁଲ ପରିସରରେ ଆଜି ହିନ୍ଦୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ସେପ୍ଟେମ୍ବର ୧୪ ତାରିଖରେ ହିନ୍ଦୀ ଦିବସ ଥିବା ବେଳେ ଗଣେଶ ପୂଜା ଛୁଟି ଯୋଗୁଁ ଏହାକୁ ଆଜି ଅର୍ଥାତ୍ ୨୪ ସେପ୍ଟେମ୍ବର ଗୁରୁବାର ଦିନ ବିଦ୍ୟାଳୟରେ ଆନୁଷ୍ଠାନିକ ଭାବେ ଆୟୋଜନ କରାଯାଇଥିଲା।ଏହି ଉପଲକ୍ଷେ ଆୟୋଜିତ ବିଶେଷ ସଭା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ ସଭାପତିତ୍ୱ କରିବା ସହ ସଭା ପରିଚାଳନା କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ବର୍ଷା ସୁନାନୀ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଦୈନନ୍ଦିନ ଜୀବନ ଓ ଜାତୀୟ



ସ୍ତରରେ ହିନ୍ଦୀ ଭାଷାର ଗୁରୁତ୍ୱ ଏବଂ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା ସୁପ୍ରିୟା ପଟେଲ, ଶିବାଙ୍ଗିନୀ ଆଚ୍ଛି, ଶିବ କିଷାନ, ତୁଳସୀ ଲାକ୍ରା, ସୋରାଜ କିଷାନ, ଆଲୋକ ପଟେଲ, ଗୀତା ସାହୁ, ସଞ୍ଜୟ ଦାସ, ରାହୁଲ ଦେଓ ଏବଂ ଡୋଲାଗୋବିନ୍ଦ ସେଠୀ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।ଉତ୍ସବର ଦ୍ୱିତୀୟ ଚରଣରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ଭାଷଣ, ଆଧୁନିକ ଓ ପାରମ୍ପରିକ ନୃତ୍ୟ, ଦେଶାତ୍ମବୋଧକ ସଙ୍ଗୀତ ଏବଂ ଶିକ୍ଷଣୀୟ ନାଟକ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକ ତଥା ଅଭିଭାବକ ମାନଙ୍କ ମନ ମୋହିଥିଲେ। ଶେଷରେ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ସଭା ସାଙ୍ଗ କରାଯାଇଥିଲା।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଘର ଭିତରେ ଆଣ୍ଠୁଏ ପାଣି

କବିସୂର୍ଯ୍ୟନଗର,୨୫।୯ :(ମନ୍ଥନ)ଲଗାଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବାଉଁସିଆ ଗ୍ରାମର ବଡ଼ସାହିରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ତିନିଦିନ ଧରି ଲଗାଣ ବର୍ଷା ଲାଗିରହିଥିବାରୁ ଗ୍ରାମର ବଡ଼ବନ୍ଧ ପୋଖରୀର ଜଳସ୍ତର ବୃଦ୍ଧି ପାଇ ପାଣି ସାହି ଭିତରକୁ ପଶିଥିବା ଜଣାପଡ଼ିଛି। ଫଳରେ ଅନେକ ଘରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ପଶି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗତ ତିନିଦିନ ଧରି ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁଁ ବାଉଁସିଆ ଗ୍ରାମର ବଡ଼ବନ୍ଧ ପୋଖରୀରେ ପାଣି ଭରିଯାଇଥିବା ବେଳେ ଅତ୍ୟଧିକ ଜଳରାଶି ଏବେ ଗ୍ରାମ ଭିତରକୁ ପ୍ରବେଶ କରିଛି। ଆଜି ସନ୍ଧ୍ୟା ସମୟରେ ବଡ଼ସାହିର ବିଭିନ୍ନ ଘର ଭିତରେ ପାଣି ପଶିଥିବା ଦୃଶ୍ୟ ସାମ୍ନାକୁ ଆସିଛି। ବିଶେଷକରି ଗ୍ରାମର କୃଷ୍ଣ ବେହେରାଙ୍କ ଘରେ ପାଣି ପଶିବା ସହ ଘରର ଶେଷ ଭାଗରେ ଥିବା ଏକ ଛାତ ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ଲଗାଣ ବର୍ଷା ମଧ୍ୟରେ ଘର ଭାଙ୍ଗିଯିବା ଘଟଣା ପରେ ପରିବାର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।ଅନ୍ୟପଟେ ଘର ଭିତରେ ଆଣ୍ଠୁଏ ପାଣି ଜମି ରହିବା ଯୋଗୁଁ ନୈନ୍ଦିନ ଜୀବନ ମଧ୍ୟ ବ୍ୟାହତ ହୋଇଛି। ଘରେ ରହିବା ମଧ୍ୟ ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଅଧିକ ବର୍ଷା ହେଲେ ପରିସ୍ଥିତି ଆହୁରି ଗମ୍ଭୀର ହେବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।ବଡ଼ବନ୍ଧ ପୋଖରୀରୁ ଜଳ ନିଷ୍କାସନର ସୁବିଧା ନଥିବା ଯୋଗୁଁ ବର୍ଷାଜଳ ଗ୍ରାମ ଭିତରକୁ ପଶୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ଅନୁଧ୍ୟାନ କରିବା ସହ ପାଣି ନିଷ୍କାସନ ଏବଂ ଲୋକଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକତା ଦେଖାଦେଇଛି। ଲଗାଣ ବର୍ଷା ଆହୁରି ଜାରି ରହିଲେ ବାଉଁସିଆ ଗ୍ରାମରେ ପରିସ୍ଥିତି କେତେ ଗମ୍ଭୀର ରୂପ ନେବ, ତାହାକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

# ସମୁଦ୍ର ଉପକୂଳ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ-- ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା

ଗଞ୍ଜାମ,୨୫।୯ :(ମନ୍ଥନ)ସାମୁଦ୍ରିକ ଝଡ଼ ଅବର୍ଣ୍ଣ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତ ବ୍ୟସ୍ତ ହୋଇ ପଡିଛି କ୍ଷ ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନର କ୍ଷିପ୍ରତା ଯୋଗୁଁ ଲୋକେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି କ୍ଷ ସମୁଦ୍ର ଉଚ୍ଚ ଜୁଆର ଓ ଉପର ମୁଣ୍ଡରେ ଭାରୀ ବର୍ଷା ଯୋଗୁଁ ଚାରିଆଡେ ଜଳ ମଗ୍ନ କ୍ଷ ବିଶେଷକରୀ ପାଳିବନ୍ଧ ପଞ୍ଚାୟତର ଗୋଖରକୁଦା ଚତୁପାର୍ଶ୍ୱ ଜଳମଗ୍ନ ହୋଇଥିବା ବେଳେ ପୋଡ଼ମପଟା ଓ ଡ଼ି ଆର ପି କଲୋନୀ ରେ ରହିଥିବା ପ୍ରକଳ୍ପ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଆଣ୍ଠୁଏ ପାଣି ରହିଥିବା ଦେଖିବାକୁ ମିଳିଛି କ୍ଷ ସେହିପରି ପୁରୁଣାବନ୍ଧ



ଗ୍ରାମ ଓଡ଼ିଆରପି କଲୋନୀ ଜଳ ମଗ୍ନ ହୋଇଥିବା ଲକ୍ଷ କରାଯାଇଛି ।ଶୁକ୍ରବାର ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଗୋଖରକୁଦା ଗ୍ରାମରେ ପହଞ୍ଚି ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ । ଏଥିସହ ଉପକୁଳ ବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଅଞ୍ଚଳ ବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବାତ୍ୟା ସମୟରେ ଜନସାଧାରଣଙ୍କ ସୁରକ୍ଷା,ଆଶ୍ରୟ, ଖାଦ୍ୟ, ପାନୀୟ ଜଳ ବ୍ୟବସ୍ଥା,ଆଶ୍ରୟ ସ୍ଥଳୀରେ ଲୋକଙ୍କ ମୌଳିକ ସମସ୍ୟା ଆଦି ଉପରେ ଆଲୋଚନା କରିଥିଲେ ବିଧାୟକ । ବିଧାୟକଙ୍କ ପରିଦର୍ଶନ ବେଳେ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର,ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ବନୋଜ ନାୟକ,ବିଧାୟକ ପ୍ରତିନିଧି ମାନସ ନାହାକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପଟେ ବିଜେଡିର ଏକ ପ୍ରତିନିଧି ଦଳ ସୁଧୀର କୁମାର ପାଢ଼ୀ, ସୁଦାମ ଚରଣ ଜେନା, ବିଜେଡି ଯୁବ ନେତା ବିଭୁତି ପଲାଇ, ବିକ୍ରମ ମହାରଣା, ଉମା ମହାନ୍ତି ମଧ୍ୟ ଗୋଖର କୁଦା ଯାଇ ସ୍ଥାନୀୟ ମତ୍ସ୍ୟଜୀବୀ ଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି କ୍ଷସେହିପରି ଗୁରବାର ରାତ୍ରରେ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି, ଏସ୍‌ଡ଼ିପିଓ ଚନ୍ଦନ ଘଡେଇ, ହୁମ୍ମା ଫାଣ୍ଡି ଅଧିକାରୀ ବିନୟ ଦାସ,ସଚ୍ଚିଦାନନ୍ଦ ରଥ ସଦଳବଳେ ବନ୍ୟା ପ୍ରପିଡ଼ିତ ଅଞ୍ଚଳରେ ପହଂଚିଥିଲେ କ୍ଷ ଏହା ସହିତ ଦିଲ୍ଲୀପ ଛୋଟରାୟ, ଶବର ତାରାଇ,ଚିଦାନନ୍ଦ ପ୍ରଧାନ, ମନୋଜ ପ୍ରଧାନ,ବସନ୍ତ ସ୍ୱାଇଁ, ପ୍ରଶାନ୍ତ ଛାଟୋଇ,ସୁମନ ସ୍ୱାଇଁ, ଦର୍ଯ୍ୟାଧନ ଛାଟୋଇ,ଧର୍ମରାଜ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ତ୍ରିଲୋଚନ ପ୍ରଧାନ,ସରୋଜ ସାହୁ, ଟୁକୁନା ସ୍ୱାଇଁ ପ୍ରମୁଖଙ୍କ ସହ ଅନେକ ଯୁବ ସ୍ୱେଚ୍ଛାସେବୀ ଲୋକଙ୍କ ପାଖରେ ପହଞ୍ଚି ସୁରକ୍ଷାର ହାତ ବଢ଼ାଇ ଥିଲେ ।

# ପ୍ଲାଷ୍ଟ ବର୍ଜ୍ୟବସ୍ତୁ ଡମ୍ପିଙ୍ଗକୁ ବିରୋଧ: ୩ ହାଇବା ଓ ୧ ଜେସିବି ଜବତ, ଡ୍ରାଇଭର ଓ କଂଟ୍ରାକଟର ଅଟକ

ଯୋଡ଼ା, କେନ୍ଦୁଝର (୨୫।୯ :(ମନ୍ଥନ) ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ନିକଟସ୍ଥ ଟୋନଟ ଗ୍ରାମରେ ପ୍ଲାଷ୍ଟ ବର୍ଜ୍ୟବସ୍ତୁକୁ ବିନା ଅନୁମତିରେ ଡମ୍ପ କରାଯାଉଥିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭାରି ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ବଡ଼ବିଲ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବଡ଼ବିଲ ତହସିଲଦାର ଶ୍ରୀ ରାକେଶ କୁମାର ପଣ୍ଡା ବଡ଼ବିଲ ଥାନାରେ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ତଦନ୍ତ ସମୟରେ ଦେଖାଯାଇଛି ଯେ, ଜଣେ କଂଟ୍ରାକଟର ଗ୍ରାମ ଭିତରେ ମନମୁତାବକ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟ ଆବର୍ଜନା ଡମ୍ପ କରୁଥିଲେ। ଏହି ବର୍ଜ୍ୟବସ୍ତୁ ଡମ୍ପିଙ୍ଗ ଫଳରେ ସେଠାରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ସହ ଗ୍ରାମବାସୀମାନେ ଚର୍ମରୋଗ, ଶ୍ୱାସକଷ୍ଟ ଓ ପେଟ ସମ୍ବନ୍ଧୀୟ




ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଛନ୍ତି। ସେଥିପାଇଁ ଘରମାନଙ୍କୁ ଧୂଳି ଓ ଆବର୍ଜନା ପ୍ରବେଶ କରୁଥିବା ସହ ବର୍ଷା ଦିନରେ ପାଣି ଅବରରୋଧ ହୋଇ ଘର ଭିତରକୁ ଆଣ୍ଠୁଏ ଲେଖାଏଁ ପାଣି ପସୁଥିବା ସମସ୍ୟା ତହସିଲଦାର ନିଜେ ପ୍ରତ୍ୟକ୍ଷ କରିଥିବା ଜଣାପଡିଛି। ତହସିଲଦାର କହିଛନ୍ତି ଯେ, ଏହା ଜନସ୍ୱାର୍ଥ ସମ୍ବନ୍ଧୀୟ ଗୁରୁତର ମାମଲା ଓ ଏଥିରେ କଠୋର ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁବୋଧ ଶର୍ମା ଓ ସୁନୀଲ ଶର୍ମା ଏହି ଆବର୍ଜନା ଡମ୍ପିଙ୍ଗ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଇଥିବା କୁହାଯାଉଛି। ପ୍ରାୟ ୮ ଫୁଟ ଉଚ୍ଚ, ୪୦ ମିଟର ଚଉଡ଼ା ଓ ୬୦ ମିଟର ଲମ୍ବା ଆବର୍ଜନା ଏଠାରେ ସଂଗ୍ରହ କରାଯାଇଛି। ଘଟଣାସ୍ଥଳରେ ଛାପାମାରି ତିନୋଟି ହାଇବା ନଂ (OD-01AJ-୭୮୯୪, JH07-M୦୫୮୯, JH07M-୫୧୯୩) ଓ ଗୋଟିଏ ଜେସିବି ନଂ (OD09-AC-୩୧୮୩) କୁ ପୁଲିସ ଜବତ କରିଥିବା ସୂଚନା ମିଳିଛି। ଏହାସହ ଗାଡ଼ିମାନଙ୍କ ଡ୍ରାଇଭର ଓ କଂଟ୍ରାକଟରଙ୍କୁ ମଧ୍ୟ ଅଟକ ରଖାଯାଇଛି। ଗ୍ରାମବାସୀମାନଙ୍କ ଦାବି ଯେ, ପ୍ରଶାସନ ଯଦି ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବେ, ତେବେ ସେମାନେ ପ୍ରଦୂଷଣ ଜନିତ ରୋଗରୁ ମୁକ୍ତି ପାଇପାରିବେ।

## ଲଗାଣ ବର୍ଷାରେ ପୋତାଗଡ଼ ଦୁର୍ଗ ପାଚେରୀ ଗାର୍ଡ ୱାଲ ର ଇଟା ଧସିଲା

ଗଞ୍ଜାମ,୨୫।୯ :(ମନ୍ଥନ)ଲଗାଣ ବର୍ଷା ଓ ଅତି ଯୋର ରେ ପବନ ବହିବା ଫଳରେ ଗଞ୍ଜାମ ସହରରେ ଅବସ୍ଥିତ ପୋତାଗଡ଼ ଦୁର୍ଗ ର ପ୍ରବେଶ ଦ୍ୱାର ପରେ ପାର୍ଶ୍ୱରେ ପାଚେରୀ ଗାର୍ଡ ୱାଲର ଇଟା ଧସେଇ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାକୁନେଇ ପର୍ଯ୍ୟଟକ ମହଲରେ କ୍ଷୋଭ ପ୍ରକାଶ ପାଉଛି । କିଛି ବର୍ଷ ତଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଠାରେ ପୁନଃରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ଯୋର ସୋର ରେ ଚାଲିଥିବା ବେଳେ ବର୍ତ୍ତମାନ ସେହି କାର୍ଯ୍ୟରେ ଶିଥିଳତା ଦେଖାଦେଇଥିବା ପରିଲକ୍ଷିତ ହୋଇଛି ।ଏହି ଦୁର୍ଗକୁ ପର୍ଯ୍ୟଟନ ସ୍ଥଳି କରିବା ପାଇଁ ଯେଉଁ ମାଷ୍ଟର ପ୍ଲାନ ହୋଇଥିଲା ।ସତେ ଯେମିତି ସେଥିରେ ଭଟା ପଡ଼ିଯାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଗଞ୍ଜାମ ସହର ପ୍ରାଚୀନ ଐତିହ୍ୟ ର ଶହ ଶହ ବର୍ଷ ର ଏହି ଐତିହାସିକ ପଞ୍ଚ କୋଣୀୟ ପୋତାଗଡ଼ ଦୁର୍ଗ ଅବକ୍ଷୟକୁନେଇ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେବାପାଇଁ ବିଭିନ୍ନ ମହଲରୁ ଦାବୀ ହେଉଛି ।

## ଛତିଶଗଡ଼ ଉପରେ ଅବପାତ

### ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି, ଆଜିଠୁ ଦୁର୍ବଳ ହେବା ସମ୍ଭାବନା

ମାଲକାନଗିରି,୨୫/୯(ମନ୍ଥନ): ଦକ୍ଷିଣ ଛତିଶଗଡ଼ ଓ ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ଥିବା ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଶୁକ୍ରବାର ସନ୍ଧ୍ୟା ୫ଟା ୩୦ ସୁଦ୍ଧା ଉତ୍ତର ଛତିଶଗଡ଼ ଉପରେ କେନ୍ଦ୍ରୀଭୂତ ହୋଇଛି। ଗତ ୬ ଘଣ୍ଟାରେ ଘଣ୍ଟାପ୍ରତି ପ୍ରାୟ ୧୩ କିଲୋମିଟର ବେଗରେ ଏହା ଗତି କରିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଏହି ଅବପାତ ପ୍ରାୟ ୨୨.୦ସ୍ପ ଉତ୍ତର ଅକ୍ଷାଂଶ ଓ ୮୨.୨ସ୍ପ ପୂର୍ବ ଦ୍ରାଘିମାରେ ରହିଛି। ଏହା ଛତିଶଗଡ଼ର ବିଲାସପୁରଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ପ୍ରାୟ ୯୦ କିମି, ଚମ୍ପାଠାରୁ ପ୍ରାୟ ୫୦ କିମି ପଶ୍ଚିମରେ ଏବଂ ମଧ୍ୟପ୍ରଦେଶର ପେଣ୍ଡ୍ରା ରୋଡ଼ଠାରୁ ପ୍ରାୟ ୯୦ କିମି ଦକ୍ଷିଣ-ଦକ୍ଷିଣପୂର୍ବରେ ଅବସ୍ଥିତ। ଆଗାମୀ ସମୟରେ ଅବପାତଟି ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଉତ୍ତର ଛତିଶଗଡ଼ ଓ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଦେଇ ଦକ୍ଷିଣ-ପୂର୍ବ ଉତ୍ତରପ୍ରଦେଶ ଆଡ଼କୁ ଗତି କରିବା ସମ୍ଭାବନା ରହିଛି। ୨୬ ସେପ୍ଟେମ୍ବର ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଅବପାତ ଭାବେ ରହିପାରେ। ପରବର୍ତ୍ତୀ ୧୨ ଘଣ୍ଟାରେ ଏହା କ୍ରମେ ଦୁର୍ବଳ ହୋଇ 'ୱେଲ୍ ମାର୍କଡ୍ ଲୋ ପ୍ରେସର ଏରିଆ'ରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ପାଣିପାଗ ପ୍ରଣାଳୀ ଉପରେ ସମ୍ବଲପୁର ଓ ରାୟପୁରସ୍ଥିତ ଡପ୍ଲର ପାଣିପାଗ ରାଡାର ମାଧ୍ୟମରେ ନିରନ୍ତର ନଜର ରଖାଯାଉଛି।

# ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଶୁଭାରମ୍ଭ ଏବଂ ୨୩ଟି ନୂତନ ଭିତ୍ତିଭୂମୀ ଲୋକାର୍ପିତ

ନୟାଗଡ,୨୫।୯ :(ମନ୍ଥନ) ନୟାଗଡ ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଶୁଭାରମ୍ଭ କରାଯାଇଛି । ନୟାଗଡ ଜିଲ୍ଲା ସମବାୟ ସମିତି ସମୂହ ଉପ -ନିବନ୍ଧକ ଅନନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନନୀୟ ଅଧ୍ୟକ୍ଷ ଜିଲ୍ଲା ପରିଷଦ,ନୟାଗଡ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ, ନୟାଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ୍ୟ କରାଯାଇଥିଲା । ଏହି ଅବସରରେ ନୟାଗଡ ସମବାୟ ସମିତି ଉପ-ନିବନ୍ଧକ ଶ୍ରୀଯୁକ୍ତ ଅନନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିବା ସହ ପ୍ୟାକ୍ସ ଗୁଡିକରେ ହେବାକୁ ଥିବା ସଦସ୍ୟତା ଅଭିଯାନ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ପ୍ୟାକ୍ସ ଗୁଡିକୁ ଅଧିକ କ୍ରିୟାଶୀଳ କରିବାକୁ ସମବାୟ ବିଭାଗ



ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏହା ସହିତ ସମବାୟ ସଦସ୍ୟତା ମହାଅଭିଯାନ ଦ୍ୱାରା ଜିଲ୍ଲାରେ ୬୦ ହଜାର ନୂତନ ସଦସ୍ୟ ଗ୍ରହଣ ପାଇଁ ଟାର୍ଗେଟ ରହିଥିବା କହିଥିଲେ । ସେହିଭଳି ଭାବେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ଚାଷୀଟିଏ ସଦସ୍ୟ ହେବା ଅର୍ଥ ସମବାୟ ସଂସ୍ଥାରେ ସେ ନିଜର ଅଂଶୀଦାରକୁ ଜାହିରି କରିବା ବୋଲି କହିଥିଲେ । କେବଳ ସଂଖ୍ୟା ବୃଦ୍ଧି ପାଇଁ ନୁହେଁ, ସଚେତନ ହୋଇ ସକ୍ରିୟ ଅଂଶ ଗ୍ରହଣ କରିବା ନିହାତି ଆବଶ୍ୟକ ବୋଲି କହିଥିଲେ । ନୂତନ ଭାବେ ଗଠିତ ପ୍ୟାକ୍ସ ଗୁଡିକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିବା ବେଳେ ସମବାୟ ବିଭାଗ କର୍ମଚାରୀ ଓ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନେ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ନୟାଗଡ ଜିଲ୍ଲାରେ ସମବାୟ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମାଣ କରାଯାଇଥିବା ୨୩ଟି ଭିତ୍ତିଭୂମିକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ଏହାପରେ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ ଓ ଅନ୍ୟ ଅତିଥି ବୃନ୍ଦ ଫଳକ ଉନ୍ମୋଚନ କରିଛନ୍ତି । ନୟାଗଡ ଜିଲ୍ଲାର ଭାପୁର, କଇଥପଲ୍ଲୀ, ଗୁମ୍ଫୀ, ଦର୍ପନାରାୟଣପୁର, ଦହିଖାଇ, ବଡପୁଟ, ଭାଡିକିଳା, ମାଛିପଡା, ଜେମାଦେଇପୁରପାଟଣା ଧାନ ସଂଗ୍ରହ କେନ୍ଦ୍ର ଏବଂ ନଡିଆଳି, ନୟାଗଡ, ଖମାରିସାହି, ଜେମାଦେଇପୁର, ବାଲୁଗାଁ, ଡିହଗାଁ ଜଳେଶ୍ୱର, ଖମାରିସାହି, ମଧ୍ୟଖଣ୍ଡ, ସୋଲପଟା, ବାଉଁଶଗାଡିଆ, ଓଡଗାଁ, ହରିହରପୁର, ସାକେରୀ ସମବାୟ ସମିତି କାର୍ଯ୍ୟାଳୟ ଗୃହ ଏବଂ ଗୋଦାମ ଗୃହକୁ ଲୋକାର୍ପଣ କରାଯାଇଛି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ସେନାପତି, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ

# ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଦୀର୍ଘଦିନ ଧରି ୩୦ରୁ ଉର୍ଦ୍ଧ୍ୱ ଲାଇଟ୍ ଅଚଳ !

ଜଳେଶ୍ୱର,୨୫।୯ :(ମନ୍ଥନ) ଜଳେଶ୍ୱର ପୌରାଞ୍ଚଳସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଦୀର୍ଘଦିନ ଧରି ୩୦ରୁ ଉର୍ଦ୍ଧ୍ୱ ଲାଇଟ୍ ଅଚଳ ରହିବା, ଏସି କାର୍ଯ୍ୟକ୍ଷମ ନଥିବା ସମେତ ବିଭିନ୍ନ ସମସ୍ୟା ନେଇ ଅଞ୍ଚଳର ଖେଳାଳିମାନେ ଅଭିଯୋଗ କରିଥିଲେ। ଖେଳାଳିମାନଙ୍କ ସମସ୍ୟା ଶୁଣିବା ପରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜଳେଶ୍ୱରର ନେତା ବ୍ରଜମୋହନ ପ୍ରଧାନଙ୍କ ହସ୍ତକ୍ଷେପରେ ଆଜି ପୂର୍ତ୍ତ ବିଭାଗ ସାଧାରଣ ବିଦ୍ୟୁତ ବିଭାଗର ଉପଖଣ୍ଡ ଅଧିକାରୀ ତପନ ଜେନା ଓ ବିଜେପି ପ୍ରତିନିଧିମଣ୍ଡଳୀଙ୍କ ଉପସ୍ଥିତିରେ ଷ୍ଟାଡିୟମ ପରିଦର୍ଶନ କରାଯାଇ ସମସ୍ୟାଗୁଡ଼ିକର ସ୍ଥିତି ସମୀକ୍ଷା କରାଯାଇଥିଲା।ପରିଦର୍ଶନ ସମୟରେ ଷ୍ଟାଡିୟମର ବିଭିନ୍ନ ବୈଦ୍ୟୁତିକ ସମସ୍ୟା ସହିତ ବଜ୍ରପାତ ଯୋଗୁଁ ଦୁଇଟି ସୋଲାର ପ୍ଲେଟ୍ ନଷ୍ଟ ହୋଇଥିବା ମଧ୍ୟ ଜଣାପଡ଼ିଥିଲା। ସମସ୍ୟାଗୁଡ଼ିକର ସମାଧାନ ନେଇ ବିଭାଗୀୟ ଅଧିକାରୀ ଆସନ୍ତା ୧୫ ଦିନ ମଧ୍ୟରେ ଅଚଳ



ଲାଇଟ୍ ?ଗୁଡ଼ିକର ସ୍ଥାପନ ସହିତ ଅନ୍ୟାନ୍ୟ ସମସ୍ୟାର ମଧ୍ୟ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ନଗର ବିଜେପି ସଭାପତି ତଥା ୱାର୍ଡ କାଉନସିଲର ଶିବ ନାରାୟଣ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ, ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ଅଞ୍ଜନ ଦାସ, ସପନ ଦେ, ବରେନ୍ଦ୍ର ପରିଡ଼ା, ପାର୍ଥବୀର ଦେଙ୍କ ସମେତ ଷ୍ଟାଡିୟମ ଇନ୍‌ଚାର୍ଜ ସମରେନ୍ଦ୍ର ମହାନ୍ତ ଓ ଜିମ୍ ଟ୍ରେନର ସୁମନ୍ତ ଦେ ଉପସ୍ଥିତ ଥିଲେ।ଖେଳାଳିଙ୍କ ସମସ୍ୟା ଶୁଣିବା, ସ୍ଥାନୀୟ ସ୍ତରରେ ସମାଧାନ ପାଇଁ ପଦକ୍ଷେପ ନେବା ଏବଂ ସମୟସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରାଇବା ଉପରେ ପ୍ରତିନିଧିମଣ୍ଡଳୀ ଗୁରୁତ୍ୱାରୋପ କରିଛି।

# ୭୦ ତମ ଓଡ଼ିଶା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଛତିଆ ଠାରେ ଉଦ୍‌ଘାଟିତ

ବଡ଼ଚଣା, ୨୫।୯ :(ମନ୍ଥନ)ରାଜ୍ୟ ସ୍ତରୀୟ ୭୦ ତମ ଓଡ଼ିଶା ବିଦ୍ୟାଳୟ ସମୂହ ହ୍ୟା ଣ୍ଡ ବଲ୍ ପ୍ରତିଯୋଗିତା ଯାଜପୁର ଜିଲ୍ଲା ଛତିଆ ସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇ ଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ବଂଶୀ ସୁରଜ୍ ଯୋଗ ଦେଇ ଥିଲେ। ବିଶିଷ୍ଟ ଅତିଥି ଭାବେ ଗଞ୍ଜାମ ବିଧାୟକ ସିଦ୍ଧାନ୍ତ ମହାପାତ୍ର,



ମୁଖ୍ୟ ବକ୍ତା ଯାଜପୁର ସାଂସଦ ଡଃ. ରବିନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ ଯୋଗ ଦେଇ ପ୍ରତିଯୋଗୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଙ୍କ ସମେତ ରାଜ୍ୟ ସହକାରୀ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା ଯୋଗ ଦେଇ ଥିଲେ। ସହକାରୀ ନିର୍ଦ୍ଦେଶକ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବଲାଙ୍ଗୀର,ବାଲେଶ୍ୱର,ଭୁବନେଶ୍ୱର ,ବୌଦ୍ଧ,ଝାରସୁଗୁଡ଼ା,ଦେବଗଡ, ଢେଙ୍କାନାଳ, ଗଜପତି,ଗଞ୍ଜାମ, କନ୍ଧମାଳ, କଟକ, ଯାଜପୁର,ପୁରୀ, କୋରାପୁଟ, ନୟାଗଡ଼,ମୟୂରଭଞ୍ଜ,ନୂଆପଡ଼ା,କେନ୍ଦୁଝର ,କେନ୍ଦ୍ରାପଡ଼ା ପ୍ରମୁଖ ୧୮ ଗୋଟି ଜିଲ୍ଲାରୁ ୧୭ ବର୍ଷରୁ କମ୍ ବାଳକ ବାଳିକା ପ୍ରତିଯୋଗୀ ମାନେ ଭାଗ ନେଇ ଥିବା ବେଳେ ଏହି ପ୍ରତିଯୋଗୀତା ୪ ଦିନ ଧରି ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ନିରଞ୍ଜନ ଶତପଥି ମଞ୍ଚ ପରିଚାଳନା କରି ଥିବା ବେଳେ ଶାରୀରିକ ସୁରକ୍ଷା ଅଧିକାରୀ ସବିତା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଶନିବାର ୨୬ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Saturday September 26 2026 Bhubaneswar



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପରିବାର ବଦଳୁଛି

ମଣିଷ ଜୀବନର ସବୁଠାରୁ ବଡ଼ ସତ୍ୟ ହେଉଛି ସମୟ କାହା ପାଇଁ ଅପେକ୍ଷା କରେ ନାହିଁ। ଯେଉଁ ଶିଶୁଟି ଦିନେ ମାଆଙ୍କ ଆଙ୍ଗୁଠି ଧରି ଚାଲିବା ଶିଖିଥିଲା, ଯେଉଁ ପିଲାଟି ବାପାଙ୍କ କାନ୍ଧରେ ବସି ଦୁନିଆ ଦେଖିଥିଲା, ଯେଉଁ ସନ୍ତାନର ଗୋଟିଏ ଛୋଟ ହସ ପାଇଁ ମାତାପିତା ନିଜର ଶତ ଦୁଃଖ ଭୁଲିଯାଉଥିଲେ, ସେହି ସନ୍ତାନ ଦିନେ ବଡ଼ ହୁଏ, ନିଜର ଘର କରେ, ନିଜର ସଂସାର ଗଢ଼େ, ନିଜର କାମ, ନିଜର ଆକାଂକ୍ଷା ଓ ନିଜର ଦାୟିତ୍ୱ ମଧ୍ୟରେ ବ୍ୟସ୍ତ ହୋଇଯାଏ। ଏହା ଜୀବନର ସ୍ୱାଭାବିକ ପରିବର୍ତ୍ତନ। କିନ୍ତୁ ଏହି ପରିବର୍ତ୍ତନର ମଝିରେ ଗୋଟିଏ ପ୍ରଶ୍ନ ଆଜି ଆମ ସମାଜର ଦ୍ୱାରରେ ଆସି ଠିଆ ହୋଇଛି—ପରିବାରର ଆକାର ବଦଳିପାରେ, ଜୀବନଯାପନର ଧାରା ବଦଳିପାରେ, ସନ୍ତାନ ଦୂର ସହରକୁ କିମ୍ବା ବିଦେଶକୁ ଯାଇପାରେ, ଘରର ଚାରିକାନ୍ଥ ମଧ୍ୟରେ ଲୋକଙ୍କ ସଂଖ୍ୟା କମିପାରେ; କିନ୍ତୁ ମାତାପିତାଙ୍କ ପ୍ରତି ଦାୟିତ୍ୱ କ’ଣ ବଦଳିଯାଇପାରେ ? ଏହି ପ୍ରଶ୍ନର ଉତ୍ତର କେବଳ ଆଇନର ପୁସ୍ତକରେ ନାହିଁ, ଏହା ଆମ ମନରେ ରହିଛି। ଆଜିର ସମାଜ ଦ୍ରୁତ ଗତିରେ ବଦଳୁଛି। ଯୁକ୍ତ ପରିବାରର ସ୍ଥାନରେ ଛୋଟ ପରିବାର ବଢୁଛି। ଚାକିରି, ବ୍ୟବସାୟ, ଶିକ୍ଷା ଓ ଭଲ ଜୀବନର ସନ୍ଧାନରେ ଅନେକ ସନ୍ତାନ ନିଜ ଜନ୍ମସ୍ଥାନଠାରୁ ଦୂରକୁ ଯାଉଛନ୍ତି। ଗାଁର ଘରେ ବୃଦ୍ଧ ବାପା, ବୃଦ୍ଧ ମାଆ ଏକାକୀ ରହିଯାଉଛନ୍ତି। ସହରର ଉଚ୍ଚ ଅଟ୍ଟାଳିକାରେ ସନ୍ତାନ ନିଜ ଜୀବନ ଗଢୁଛି, କିନ୍ତୁ ଦୂର ଗାଁର ଗୋଟିଏ ଛୋଟ ଘରରେ ଦୁଇଟି ବୃଦ୍ଧ ଆଖି ଦ୍ୱାର ଆଡ଼କୁ ଚାହିଁ ରହୁଛି। ଏହି ଅପେକ୍ଷାର କୌଣସି ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରେ ନାହିଁ। ମାତାପିତା ଯେତେବେଳେ ଯୁବକ ଥିଲେ, ସେମାନେ ସନ୍ତାନର ଭବିଷ୍ୟତ ପାଇଁ ନିଜର ବର୍ତ୍ତମାନକୁ ତ୍ୟାଗ କରିଥିଲେ। ପିଲାର ପଢ଼ା ପାଇଁ ନିଜ ଆବଶ୍ୟକତାକୁ ପଛକୁ ରଖିଥିଲେ। ପିଲାର ପୋଷାକ ପାଇଁ ନିଜ ପୋଷାକ ପୁରୁଣା କରିଥିଲେ। ପିଲାର ଚିକିତ୍ସା ପାଇଁ ନିଜର ସଞ୍ଚୟ ଖର୍ଚ୍ଚ କରିଥିଲେ। ପିଲାର ଭବିଷ୍ୟତ ପାଇଁ ନିଜର ସ୍ୱପ୍ନକୁ ବଳି ଦେଇଥିଲେ। ମାଆ ଅନେକ ରାତି ନିଦ ନଯାଇ ଅସୁସ୍ଥ ପିଲାର ମୁଣ୍ଡ ଆଉଁସିଥିଲେ। ବାପା ନିଜ ଶରୀରର କ୍ଳାନ୍ତିକୁ ଭୁଲି ପିଲାର ଆବଶ୍ୟକତା ପୂରଣ ପାଇଁ ଦିନରାତି ପରିଶ୍ରମ କରିଥିଲେ। ସେମାନଙ୍କ ଜୀବନର ଅନେକ ସୁଖ ସନ୍ତାନର ହସରେ ଲୁଚିଥିଲା। ସନ୍ତାନ ହସିଲେ ସେମାନେ ଖୁସି ହେଉଥିଲେ, ସନ୍ତାନ କାନ୍ଦିଲେ ସେମାନଙ୍କ ହୃଦୟ କାନ୍ଦୁଥିଲା। ଏହି ସମ୍ପର୍କକୁ କେବଳ ରକ୍ତର ସମ୍ପର୍କ କହିଲେ ଏହାର ଗଭୀରତାକୁ ଛୋଟ କରାଯିବ। ଏହା ତ୍ୟାଗର ସମ୍ପର୍କ, ଆଶ୍ରୟର ସମ୍ପର୍କ, ଭରସାର ସମ୍ପର୍କ। କିନ୍ତୁ ଆଜି ସେହି ମାତାପିତା ବୟସର ଶେଷ ପର୍ଯ୍ୟାୟରେ ପହଞ୍ଚିଲେ ତାଙ୍କ ଆବଶ୍ୟକତା ବଦଳିଯାଏ। ଛୋଟବେଳେ ପିଲାକୁ ଯେଉଁ ହାତ ଧରି ଚାଲିବା ଶିଖାଇଥିଲେ, ସେହି ହାତ ଏବେ ନିଜେ ଅନ୍ୟ ହାତର ସହାୟତା ଖୋଜେ। ଯେଉଁ ଆଖି ଦିନରାତି ସନ୍ତାନକୁ ଦେଖିଥିଲା, ସେହି ଆଖି ଏବେ ଧୀରେ ଧୀରେ ଦୁର୍ବଳ ହୁଏ। ଯେଉଁ ପାଦ ସନ୍ତାନ ପାଇଁ ଦୂର ଦୂରାନ୍ତ ଚାଲିଥିଲା, ସେହି ପାଦ ଏବେ ଘରର ଦୁଆର ପର୍ଯ୍ୟନ୍ତ ଯିବାରେ ମଧ୍ୟ କଷ୍ଟ ପାଏ। ଏହି ସମୟରେ ମାତାପିତାଙ୍କୁ ସବୁଠାରୁ ଅଧିକ ଦରକାର କେବଳ ଧନ ନୁହେଁ; ଦରକାର ମଣିଷର ସାଥ, ଦୁଇଟି ମିଠା କଥା, ଅଳ୍ପ ସମୟ, ନିଜ ଲୋକଙ୍କ ଉପସ୍ଥିତି ଓ ଏହି ଭରସା—‘ତୁମେ ଏକା ନୁହଁ।’ ଏଠି ଆମ ସମାଜର ସବୁଠାରୁ ବଡ଼ ପରୀକ୍ଷା। ଆମେ ଅର୍ଥନୈତିକ ଉନ୍ନତିର କଥା କହୁଛୁ, ନୂଆ ଘରର କଥା କହୁଛୁ, ଉଚ୍ଚ ଶିକ୍ଷାର କଥା କହୁଛୁ, ଦୂର ଦେଶର ଚାକିରିର କଥା କହୁଛୁ; କିନ୍ତୁ ଘରର ଗୋଟିଏ କୋଠରୀରେ ନିରବରେ ବସିଥିବା ବୃଦ୍ଧ ମାଆଙ୍କ ଏକାକୀପଣ ବିଷୟରେ କେତେ ଭାବୁଛୁ ? ବାପାଙ୍କ ଔଷଧ ଖାଇବା ସମୟ ମନେ ରଖୁଛୁ କି ? ମାଆଙ୍କ ଆଖି ଦୁର୍ବଳ ହୋଇଯାଇଛି କି ନାହିଁ ପଚାରୁଛୁ କି ? ବାପା ଦିନକୁ କାହା ସହ କଥା ହେଉଛନ୍ତି ବୋଲି ଜାଣିବାକୁ ଚେଷ୍ଟା କରୁଛୁ କି ? ଘରର ଦୁଆର ଖୋଲି ଆମକୁ ଅପେକ୍ଷା କରୁଥିବା ଲୋକଟିର ମନରେ କ’ଣ ଚାଲିଛି, ଏହା ଜାଣିବାର ସମୟ ଆମ ପାଖରେ ଅଛି କି ? ଏହି ପ୍ରଶ୍ନଗୁଡ଼ିକ ଅସୁବିଧାଜନକ ହୋଇପାରେ, କିନ୍ତୁ ସମାଜର ଆଇନା ସବୁବେଳେ ସୁନ୍ଦର ଚିତ୍ର ଦେଖାଏ ନାହିଁ। କେତେକ ପରିବାରରେ ବୃଦ୍ଧମାନେ ଅବହେଳିତ ହେଉଛନ୍ତି, କେତେକ ପରିବାରରେ ସେମାନଙ୍କ ମତାମତକୁ ଅମୂଲ୍ୟ କରାଯାଉଛି, କେତେକ ପରିବାରରେ ସମ୍ପତ୍ତିକୁ ନେଇ ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି, ଆଉ କେତେକ ସ୍ଥାନରେ ବୃଦ୍ଧ ମାତାପିତା ନିଜ ଘରରେ ମଧ୍ୟ ନିଜକୁ ଅତିଥି ଭଳି ଅନୁଭବ କରୁଛନ୍ତି। ଏହାକୁ ସମସ୍ତ ସନ୍ତାନଙ୍କ ଚିତ୍ର ବୋଲି କହିବା ଅନ୍ୟାୟ ହେବ। ଅନେକ ସନ୍ତାନ ଦୂରରେ ରହିଲେ ମଧ୍ୟ ନିଜ ମାତାପିତାଙ୍କ ପ୍ରତି ଅତ୍ୟନ୍ତ ଯତ୍ନଶୀଳ। ଅନେକେ ନିୟମିତ ଭାବେ ଯୋଗାଯୋଗ କରନ୍ତି, ଚିକିତ୍ସାର ବ୍ୟବସ୍ଥା କରନ୍ତି, ଘରକୁ ଫେରନ୍ତି, ଆବଶ୍ୟକତାରେ ପାଖରେ ଠିଆ ହୁଅନ୍ତି। ତେଣୁ ସମସ୍ୟାର ମୂଳକୁ ବୁଝିବା ଦରକାର। ଆଜିର ଜୀବନ ଦ୍ରୁତ, ପ୍ରତିଯୋଗିତା ତୀବ୍ର, କାମର ଚାପ ଅଧିକ, ଜୀବିକା ପାଇଁ ସ୍ଥାନାନ୍ତରଣ ଅନେକ ସମୟରେ ଅନିବାର୍ଯ୍ୟ। କିନ୍ତୁ ଦୂରତା ଓ ଅବହେଳା ଏକ କଥା ନୁହେଁ। ଦୂରେ ରହିବା ଭାଗ୍ୟର ପରିଣାମ ହୋଇପାରେ, କିନ୍ତୁ ମନରୁ ଦୂରେଇଯିବା ଏକ ସାମାଜିକ ଓ ମାନବିକ ପ୍ରଶ୍ନ। ଜଣେ ସନ୍ତାନ ହଜାର କିଲୋମିଟର ଦୂରରେ ଥାଇ ମଧ୍ୟ ପ୍ରତିଦିନ ମାଆଙ୍କୁ ପଚାରିପାରେ—‘ଖାଇଲୁ କି ?’ ବାପାଙ୍କୁ କହିପାରେ—‘ଆଜି କେମିତି ଅଛ ?’ ଔଷଧ ଆଣିଦେବାର ବ୍ୟବସ୍ଥା କରିପାରେ, ପଡ଼ ?ଶୀଙ୍କୁ ଖବର ନେବାକୁ କହିପାରେ, ସମୟ ମିଳିଲେ ଘରକୁ ଯାଇପାରେ। ଏସବୁ ବଡ଼ ତ୍ୟାଗ ନୁହେଁ; ଏଗୁଡ଼ିକ ସମ୍ପର୍କକୁ ବଞ୍ଚାଇ ରଖିବାର ଛୋଟ ଛୋଟ ଉଦ୍ୟମ। ଆଜି ଆମ ହାତରେ ଦୂରତା କମାଇବାର ଅନେକ ଉପାୟ ଅଛି, କିନ୍ତୁ କେବେ କେବେ ମନର ଦୂରତା ଏତେ ବଢ଼ିଯାଏ ଯେ ସମସ୍ତ ସୁବିଧା ଥାଇ ମଧ୍ୟ ଗୋଟିଏ ଫୋନ ହୁଏ ନାହିଁ। ଏହା ହିଁ ଆମ ସମୟର ବିଡ଼ମ୍ବନା। ଏକଦିନ ଯେଉଁ ମାଆ ନିଜ ସନ୍ତାନର ଛୋଟ ଛୋଟ କଥା ମନେ ରଖୁଥିଲେ, ସେହି ମାଆ ଏବେ ନିଜ ଜୀବନର କଥା କହିବା ପାଇଁ ଶ୍ରୋତା ଖୋଜୁଛନ୍ତି। ଏକଦିନ ଯେଉଁ ବାପା ପରିବାରର ସମସ୍ତ ସିଦ୍ଧାନ୍ତ ନେଉଥିଲେ, ସେହି ବାପା ଏବେ ନିଜ ଆବଶ୍ୟକତା କହିବାକୁ ମଧ୍ୟ ଲଜ୍ଜା କରୁଛନ୍ତି। ବୃଦ୍ଧାବସ୍ଥା ଶରୀରକୁ ଦୁର୍ବଳ କରେ, କିନ୍ତୁ ମନକୁ ଅଧିକ ସମ୍ବେଦନଶୀଳ କରିଦିଏ। ଏହି ସମୟରେ ଅଳ୍ପ ଅବହେଳା ମଧ୍ୟ ବଡ଼ ଆଘାତ ହୋଇପାରେ। ସନ୍ତାନ ହୁଏତ ଭାବେ—‘ମୁଁ ତ ଟଙ୍କା ପଠାଉଛି, ମୋର ଦାୟିତ୍ୱ ସରିଗଲା।’ କିନ୍ତୁ ମାତାପିତାଙ୍କ ଆବଶ୍ୟକତା କେବଳ ଟଙ୍କାରେ ଶେଷ ହୁଏ ନାହିଁ। ମଣିଷର ଜୀବନରେ ଭୋଜନ ଯେତେ ଦରକାର, ସ୍ନେହ ମଧ୍ୟ ସେତେ ଦରକାର। ଔଷଧ ଯେତେ ଆବଶ୍ୟକ, ଆଶ୍ୱାସନ ମଧ୍ୟ ସେତେ ଆବଶ୍ୟକ। ଘର ଯେତେ ଦରକାର, ଘରର ମଣିଷର ଉପସ୍ଥିତି ମଧ୍ୟ ସେତେ ଦରକାର। ତେଣୁ ବୃଦ୍ଧ ମାତାପିତାଙ୍କ ଯତ୍ନକୁ କେବଳ ଅର୍ଥନୈତିକ ଦାୟିତ୍ୱ ଭାବିବା ଭୁଲ। ଏହା ଏକ ମାନବିକ ଦାୟିତ୍ୱ। ଏହି ଦାୟିତ୍ୱ କେବଳ ପୁଅର ନୁହେଁ, ଝିଅର ମଧ୍ୟ; କେବଳ ଜଣେ ସନ୍ତାନର ନୁହେଁ, ସମଗ୍ର ପରିବାରର। ଜଣେ ବୃଦ୍ଧଙ୍କୁ ସମ୍ମାନ ଦେବା ମାନେ ତାଙ୍କ ବୟସକୁ ସମ୍ମାନ ଦେବା, ତାଙ୍କ ଅନୁଭବକୁ ସମ୍ମାନ ଦେବା, ତାଙ୍କ ତ୍ୟାଗକୁ ସ୍ୱୀକାର କରିବା। ଆମେ ପ୍ରାୟତଃ ଯୁବକଙ୍କ ସ୍ୱପ୍ନକୁ ନେଇ କଥା କହୁଛୁ, କିନ୍ତୁ ବୃଦ୍ଧଙ୍କ ଅନୁଭବକୁ କେତେ ମୂଲ୍ୟ ଦେଉଛୁ ? ପରିବାରରେ ପିଢ଼ିମଧ୍ୟରେ ମତଭେଦ ହେବା ସ୍ୱାଭାବିକ। ନୂଆ ପିଢ଼ିର ଚିନ୍ତାଧାରା ଅଲଗା ହୋଇପାରେ, ପୁରୁଣା ପିଢ଼ିର ଅଭିଜ୍ଞତା ଅଲଗା ହୋଇପାରେ। କିନ୍ତୁ ମତଭେଦକୁ ଅସମ୍ମାନରେ ପରିଣତ କରିବା ଉଚିତ ନୁହେଁ। ଜଣେ ବୃଦ୍ଧ ବାପା ଯଦି ପୁରୁଣା ଧାରାର କଥା କହନ୍ତି, ତାଙ୍କୁ ଅଜ୍ଞାନ ବୋଲି ଅବହେଳା କରିବା ଠିକ ନୁହେଁ। ଜଣେ ବୃଦ୍ଧ ମାଆ ଯଦି ପୁରୁଣା ସ୍ମୃତି କହନ୍ତି, ତାହାକୁ ବୋଝ ବୋଲି ଦେଖିବା ଠିକ ନୁହେଁ। ସେହି ସ୍ମୃତିରେ ତାଙ୍କ ସମଗ୍ର ଜୀବନ ଲୁଚିଥାଏ। ଯେଉଁ ଘରରେ ପିଲାମାନେ ନିଜ ଜେଜେବାପା, ଜେଜେମାଆଙ୍କ ସହ ବଢ଼ନ୍ତି, ସେଠାରେ ପିଢ଼ିମଧ୍ୟରେ ଜ୍ଞାନ ଓ ଅନୁଭବର ଏକ ସୁନ୍ଦର ସେତୁ ତିଆରି ହୁଏ। ଗଳ୍ପ, ପରମ୍ପରା, ପରିବାରର ଇତିହାସ, ଜୀବନର ଶିକ୍ଷା—ଏସବୁ ପୁସ୍ତକରୁ ସବୁବେଳେ ଶିଖାଯାଏ ନାହିଁ। ଘରର ବୃଦ୍ଧମାନେ ଏହାର ଜୀବନ୍ତ ପାଠଶାଳା। ତେଣୁ ବୃଦ୍ଧମାନଙ୍କୁ ଘରର ଅତିରିକ୍ତ ଲୋକ ଭାବିବା ପରିବାରର ନିଜ ମୂଳକୁ ଭୁଲିଯିବା ସମାନ। ଆମ ସମାଜରେ ‘ମାତାପିତାଙ୍କ ସେବା’ ଏକ ମହାନ ମୂଲ୍ୟବୋଧ ଭାବେ ପରିଚିତ। କିନ୍ତୁ ମୂଲ୍ୟବୋଧ କେବଳ ପର୍ବପର୍ବାଣୀରେ ଉଚ୍ଚାରିତ ହେଲେ ହେବ ନାହିଁ; ଏହା ଦୈନନ୍ଦିନ ଜୀବନରେ ଦେଖାଯିବା ଦରକାର। ମାଆଙ୍କୁ ସମ୍ମାନ କରିବା ମାନେ କେବଳ ତାଙ୍କ ପାଦ ଛୁଇଁବା ନୁହେଁ; ସେ ଯେତେବେଳେ କଥା କହୁଛନ୍ତି, ଧୈର୍ଯ୍ୟର ସହ ଶୁଣିବା ମଧ୍ୟ ସମ୍ମାନ।

# କେତେ ଭଲ ଗର୍ଭ ନିରୋଧକ ବଟିକା ?

**ଡାକ୍ତର ଶୁଭଶ୍ରୀ ମିଶ୍ର**

ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ କେବଳ ୪୮.୫% ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ । ଯେତେବେଳେ ଆମ ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ କଥା ଆସିଲା, ଗର୍ଭନିରୋଧକ ମାଧ୍ୟମରେ ସନ୍ତାନ ସଂଖ୍ୟା ହ୍ରାସ କରିବା ଲାଗି ସଚେତନା ଅଭିଯାନ ଆରମ୍ଭ ହୋଇଥିଲା। ବିଭିନ୍ନ ଗର୍ଭନିରୋଧକ ପ୍ରଣାଳୀ ସଂପର୍କରେ ପୁରୁଷ ଓ ମହିଳାଙ୍କୁ ଅବଗତ କରାଯାଉଥିଲା। ଏହି କ୍ରମରେ ଗର୍ଭନିରୋଧକ, ପ୍ରଜନନ ଓ ଯୌନଜୀବନ ବିଷୟରେ ଜନସଚେତନତା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ପାଳନ କରାଯାଉଛି ବିଶ୍ୱ ଗର୍ଭନିରୋଧକ ଦିବସ।

ଭାରତରେ ପୁରୁଷ ଓ ମହିଳା ମଧ୍ୟରୁ ୯୮.୮% ଗର୍ଭନିରୋଧକ ବ୍ୟବହାର ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିସନର ରିପୋର୍ଟରୁ ଜଣାଯାଇଛି ଯେଉଁଥିରେ ସୂଚୀତ ରହିଛି କି ୬୬.୭% ଲୋକେ ଗର୍ଭନିରୋଧକ ବ୍ୟବହାର କରନ୍ତି । ସେହିପରି ଦି ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ (ଏସଏଫଏଚଏସ-୫) ସର୍ଭେର ତଥ୍ୟ ଅନୁଯାୟୀ ଭାରତରେ ଦି କଣ୍ଟ୍ରାସେପ୍ଟିଭ ପ୍ରିଭେଲାନସ୍ ରେଟ ସିପିଆଇ ୫୪%ରୁ ୬୪%କୁ ବୃଦ୍ଧି ପାଇଛି। ସେହିପରି ଗର୍ଭନିରୋଧକ ବ୍ୟବହାର ନକରି ପରିବାର ନିୟୋଜନ କରିବା ଆଗ୍ରହୀଙ୍କ ସଂଖ୍ୟା ମଧ୍ୟ ୧୩%ରୁ ୯%କୁ ହ୍ରାସ ପାଇଛି। ଗର୍ଭନିରୋଧ ଲାଗି ସବୁଠୁ ସାଧାରଣ ଉପାୟ ହେଉଛି ମହିଳା ବନ୍ଧ୍ୟାକରଣ। ଗର୍ଭନିରୋଧକକାରୀଙ୍କ ମଧ୍ୟରେ ଏମାନଙ୍କ ହାର ୬୮%। ୨୦୧୯ରୁ ୨୦୨୧ ମଧ୍ୟରେ ଭାରତରେ ମଧ୍ୟମ ବୟସ୍କା ମହିଳା ବନ୍ଧ୍ୟାକରଣ ବୟସ ଥିଲା ୨୫.୭ ବର୍ଷ। ସେତେବେଳେ ୨୫ ଅଥବ ତହିଁରୁ କମ ବୟସ୍କା ୩୯.୬% ମହିଳା ବନ୍ଧ୍ୟାକରଣ କରାଇଥିଲେ।



ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ି ଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୁଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୁଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପା□ ମିଲିଗ୍ରାମର ଫଲିକ୍ ଏସିଡ୍ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ,ଦୂରଭାଷ : ୯୮୬୧୪୬୩୪୦୬

## ବିଶ୍ୱ ଗର୍ଭନିରୋଧ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ପାଳିତ ହେଉଛି ବିଶ୍ୱ ଗର୍ଭନିରୋଧ ଦିବସ। ବିଶ୍ୱରେ ଜନସଂଖ୍ୟା ଯେଉଁ ହାରରେ ବଢ଼ିବାରେ ଲାଗିଛି, ଏହାକୁ ରୋକା ନଗଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଅନ୍ୟ ପ୍ରାଣୀ ପ୍ରଥମେ ଧ୍ୱଂସ ପାଇଯିବେ, ଶେଷରେ ମଣିଷ। ଜନସଂଖ୍ୟା ବୃଦ୍ଧି ଯୁଦ୍ଧଠାରୁ ଆରମ୍ଭ କରି ନାନା ମଣିଷକୃତ ଓ ପ୍ରାକୃତିକ ବିପର୍ଯ୍ୟୟ ଆଣିଦେବ। ତେଣୁ ଗର୍ଭନିରୋଧର କୌଣସି ବିକଳ୍ପ ନାହିଁ। ଏକ ବା ଦୁଇରୁ ଅଧିକ ସନ୍ତାନ ସୃଷ୍ଟି ନକରିବା ପାଇଁ ପ୍ରତ୍ୟେକ ଦଂପତି ଯତ୍ନବାନ ହେବା ଉଚିତ। ଏ ବାବଦରେ ସଚେତନତା ସୃଷ୍ଟି ଏବଂ ଗର୍ଭନିରୋଧକ ସାମଗ୍ରୀର ବ୍ୟାପକ ପ୍ରଚଳନ, ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

# ଜୀବର ଜିଜ୍ଞାସା

**ହେମନ୍ତ କୁମାର ପରିଡ଼ା**

ଜୀବନର ଅନେକ ଜିଜ୍ଞାସା, ହେଲେ ସର୍ବଶ୍ରେଷ୍ଠ ଓ ସର୍ବଶେଷ ଜିଜ୍ଞାସା ହେଉଛି ଆତ୍ମାନୁଭବ। ସେଥିପାଇଁ ବାଲ୍ୟକାଳକୁ ଧର୍ମ ଧନ ଅର୍ଜନ ପାଇଁ କୁହାଯାଇଛି। ଧର୍ମ ଦୟାରୁ ଜାତ ହୋଇଛି। ପରମବ୍ରହ୍ମ ପରମାତ୍ମା ଦୟାକରି ତାଙ୍କର ସତ୍ ସଂକଳ୍ପରୁ ଏହି ସୃଷ୍ଟି ସଂରଚନା କରିଛନ୍ତି। ଅଗ୍ନି ସଂଯୁକ୍ତ ଭାବରେ ସର୍ବତ୍ର ବିଦ୍ୟମାନ ଥିଲେ ମଧ୍ୟ ବିଶେଷ ବିଶେଷ ସ୍ଥାନ ମାନଙ୍କରେ ପ୍ରୟୋଜନ ଆଧାରରେ ପ୍ରକାଶିତ ହୋଇଥାନ୍ତି। ସେହିଭଳି ଧର୍ମ ସତ୍ୟବାଦୀ ବ୍ୟକ୍ତିଙ୍କ ପାଖରେ ସ୍ୱଭାବିକ ଭାବେ ନିବାସ କରି ପ୍ରକଟିତ ଓ ପ୍ରକାଶିତ ହୋଇଥାଆନ୍ତି। ଧର୍ମ ଗୁଣବାଚକ ତଥା ଆଚରଣ ସାପେକ୍ଷ। ମଣିଷର ଭାବ ଭକ୍ତି ଓ ଆଚରଣରେ ଏହା ପ୍ରକଟ ହୋଇଥାଏ। ଭଲ ମଣିଷଟିଏ ହେବା ପାଇଁ ଧର୍ମର ଆଶ୍ରୟ ଅନିବାର୍ଯ୍ୟ। ଭଲ ହେବା ଏବଂ ଭଲ କାମ କରିବାର ମାନବୀୟ ଆଚରଣ ଓ ଉଚ୍ଚାରଣ ଦ୍ୱାରା ବ୍ୟକ୍ତି ଭିତରେ ଧର୍ମ ଭାବ ପ୍ରକଟିତ ହୋଇ ପ୍ରକାଶ ପାଏ। ସେଥିପାଇଁ ବାଲ୍ୟକାଳରୁ ଧର୍ମ ରୂପକ ଧନ ଅର୍ଜନ କରିବା ପାଇଁ ଆମ୍ଭମାନଙ୍କୁ ଉପଦେଶ ଦିଆଯାଇଛି। ଧର୍ମ ଅର୍ଜନ କରି ପ୍ରଭୁଙ୍କୁ ପ୍ରାପ୍ତି କରିବାକୁ କୁହାଯାଇଛି। ଆମେ ଧାର୍ମିକ ହେଲେ ଧର୍ମ ସ୍ୱରୂପ, ଧର୍ମ ରକ୍ଷକ ହରି ଆମକୁ ପ୍ରାପ୍ତ ହେବେ। ଧର୍ମ ରକ୍ଷତି ରକ୍ଷିତ। ଯିଏ ଧର୍ମକୁ ଧରି ରଖିବ ଧର୍ମ ତାକୁ ରକ୍ଷା କରିବ।

ଭଗବାନଙ୍କୁ ପ୍ରାପ୍ତ କଲେ କ’ଣ ହେବ ? ସୂର୍ଯ୍ୟ ଉଦୟ ହେଲେ ଯେପରି ଅନ୍ଧକାର ରହେନାହିଁ ସେହିଭଳି ସତ୍ ଚିତ୍ ଆନନ୍ଦ ସ୍ୱରୂପ ଭଗବାନ ବା ପରମାତ୍ମାଙ୍କୁ ପ୍ରାପ୍ତ କଲେ ଜୀବନରେ ଅନ୍ଧାର ରୂପକ ଦୁଃଖ ରହିବ ନାହିଁ। ଶୀତ ତାପର ଭୟ ରହିବ ନାହିଁ। ଆନନ୍ଦ ଆଲୋକରେ ଜୀବନ ଭରିଯିବ। ଆମର ସମସ୍ତ ଶାସ୍ତ୍ରରେ ଜୀବନର ଏହି ମର୍ମ ଅନୁରଣିତ ହୋଇଛି। ଭଲ ହୋଇ ଭଲ କାମ କରିବା ଏବଂ ଭଲମଣିଷ ହୋଇ ଭଗବାନଙ୍କୁ ଉପଲବ୍ଧି କରିବାର ଉପାୟ ଶାସ୍ତ୍ରମାନଙ୍କରେ ପ୍ରଦର୍ଶିତ ହୋଇଛି। ପ୍ରସିଦ୍ଧ ଧର୍ମଶାସ୍ତ୍ର ଶ୍ରୀମଦ୍ ଭଗବତ୍ ଗୀତାରେ କୁହାଯାଇଛି – ‘ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ। ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ।।’ (ଗୀତା-୬/୨୨)

ଅର୍ଥାତ୍ ଯେଉଁ ଲାଭ ମିଳିଗଲେ ତାହାଠାରୁ ଅଧିକ କିଛି ଲାଭ ଥିବାର ଅନୁଭୂତ ହୁଏନାହିଁ ଏବଂ ଯେଉଁ ସ୍ଥିତିରେ ଉପନୀତ ହେବାପରେ ଗୁରୁତର ଦୁଃଖ ମଧ୍ୟ ଆଉ ବିଚଳିତ କରିପାରେ ନାହିଁ। ଏହାତ ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଦୁଃଖ କେହି ଚାହାଁନ୍ତି ନାହିଁ। ସୁଖରେ ରହିବାକୁ ସମସ୍ତେ ଚାହାଁନ୍ତି। କିନ୍ତୁ ପ୍ରକୃତ ସୁଖର ସୀମା ଜାଣି ନଥିବାରୁ ଲୋକେ ପ୍ରାପ୍ତ ଦୁଃଖର ନିବୃତ୍ତି ଜନିତ ଅସ୍ଥାୟୀ ସୁଖରେ ମଜ୍ଜି ରୁହନ୍ତି। ସାଧକ ଜୀବନରେ ଏଭଳି ଏକ ଆତ୍ୟନ୍ତିକ ସୁଖପ୍ରାପ୍ତ ହୁଏ ଯାହାଦ୍ୱାରା ଯେତେ ଗୁରୁତର ଦୁଃଖ ଜୀବନରେ ଆସିଲେ ମଧ୍ୟ ସେ ଆଦୌ ବିଚଳିତ ହୁଏନାହିଁ। ଏହି ଆତ୍ୟନ୍ତିକ ସୁଖ ଆମ ସମସ୍ତଙ୍କର ଧ୍ୟେୟ ହେବା ଦରକାର। ଗୀତା ନିର୍ଦ୍ଦେଶିତ ଏହି ସ୍ଥିତି ସର୍ବ ସାଧନାର ମାନଦଣ୍ଡ। ଜଣେ ଚେତନଶୀଳ ସାଧକ ନିଜେ ନିଜର ଆଧ୍ୟାତ୍ମିକ ସ୍ଥିତି ଏହି ମାନଦଣ୍ଡରେ ମାପି ପାରିବ। କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ଧ୍ୟାନଯୋଗ ଆଦି ସବୁ ଯୋଗର ମୂଳ ଆଧାର ହେଉଛି ସମତା ଯୋଗ। ମନରେ ସନ୍ତୋଷ ଆସିଗଲେ ଏହି ସ୍ଥିତି ପ୍ରାପ୍ତି ସମ୍ଭବ ହୋଇଥାଏ।

ସନ୍ତୋଷ ଏକ ମାନସିକ ଅଭିବ୍ୟକ୍ତି। ଏହା ସାଧନ ସାପେକ୍ଷ। ବିବେକ ବୈରାଗ୍ୟ ଓ ବିଚାର ଦ୍ୱାରା ସନ୍ତୋଷ ରୂପକ ଦିବ୍ୟ ଦୈବୀ ସମ୍ପତ୍ତି ଅର୍ଜନ କରିବାକୁ ହୋଇଥାଏ। ‘କୁବେର ସମ୍ପତ୍ତି କିବା ପ୍ରୟୋଜନ, ହୃଦେ ନାହିଁ ଯଦି ସନ୍ତୋଷ ଧନ’। ସାଧୁସନ୍ଥ ଓ ଶାସ୍ତ୍ରମାନେ ସେମାନଙ୍କର ଅନୁଭବରୁ ଏହା ଘୋଷଣା କରିଛନ୍ତି – ‘ସନ୍ତୋଷୀ ସଦା ସୁଖୀ।’ ଏହା ପ୍ରତ୍ୟେକଙ୍କର ଅନୁଭବ। କାମନା ଦୁଃଖର କାରଣ, କାମନାର ବିନାଶରେ ଦୁଃଖର ବିନାଶ। ପ୍ରଭୁଙ୍କ କୃପାରୁ ଯେତେବେଳେ ଯାହା ମିଳିଛି ସେଥିରେ ରହି ପ୍ରଭୁଙ୍କୁ କୃତଜ୍ଞତା ଜଣାଇବା ସନ୍ତୋଷ ଭାବ ଅଟେ। ଏହି ସମସ୍ତ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଜୀବନରେ ସମସ୍ତ ଅଶାନ୍ତି ପରିହାର କରି ଶାନ୍ତି ଆନନ୍ଦ ଅନୁଭବରେ ନିତ୍ୟ ସ୍ଥିତ ହେବା। ଏହାର ଉପାୟ ହେଉଛି ଚିତ୍ତବୃତ୍ତିରୁ ସମ୍ବନ୍ଧ ଛିନ୍ନ କରି ବିବେକ ବୈରାଗ୍ୟ ଦ୍ୱାରା ସବୁ ଅବସ୍ଥାରେ ସନ୍ତୋଷ ପ୍ରାପ୍ତ ହେବା। ବୃତ୍ତିମାନେ ସବୁ ଅସ୍ଥିରତାର କାରଣ। ବୃତ୍ତି ଗୁଡ଼ିକରୁ ନିବୃତ୍ତି ଅର୍ଥ ପରମ ପ୍ରଶାନ୍ତି ଓ ଅମୀୟ ଆନନ୍ଦରେ ଅବସ୍ଥାନ। ଏହା ହିଁ ନିର୍ବିକଳ୍ପ ଅବସ୍ଥା। ବୃତ୍ତିମାନେ ବିଷୟ ସହିତ ସଂଯୁକ୍ତ ହୋଇ ନାନା ପ୍ରକାର ସଂକଳ୍ପ ସୃଷ୍ଟି କରନ୍ତି। ବୃତ୍ତି ଶାନ୍ତି ହେଲେ ଆଉ ସଂକଳ୍ପ ରହେନାହିଁ। ସଂକଳ୍ପ ରହିତ ଜୀବନ ହେଉଛି ଜୀବନ୍ମୁକ୍ତ ଅବସ୍ଥା, ଏହା ନିର୍ବିକଳ୍ପ ସ୍ଥିତି।



ଏହି ସ୍ଥିତିରେ ଉପନୀତ ହେବା ଏତେ ସହଜ ନୁହେଁ। ଅନେକ ପ୍ରତ୍ୟବାୟ ଯଥା ଦୁର୍ଭାବନା, ଦୁଃସ୍ୱଭାବ, ଦୁର୍ଗୁଣ, ଦୋଷ ଦୁର୍ବଳତା ଆଦି। ଅତ୍ୟନ୍ତ ସାବଧାନତାର ସହିତ ପ୍ରଖର ବୁଦ୍ଧି ବଳରେ କଠୋର ସାଧନା ଦ୍ୱାରା ଏହି ମାନଙ୍କୁ ଦୂର କରିବାକୁ ହେବ। ଏମାନଙ୍କ ବିରୁଦ୍ଧରେ ଲଢ଼ିଲେ ଏମାନେ ଯିବେ ନାହିଁ ପରନ୍ତୁ ଅଧିକ ବଳଶାଳୀ ହୋଇ ଉଠିବେ। କୌଶଳ ପ୍ରୟୋଗ କରି ଶତ୍ରୁମାନଙ୍କୁ ପରାହତ କରିବାକୁ ହେବ। ଦୁର୍ଗୁଣ ବିରୁଦ୍ଧରେ ସୁଗୁଣ ଗୁଡ଼ିକୁ ବଢ଼ାଇ ସୁଦୃଢ଼ କରିବାକୁ ହେବ। ସତଚିନ୍ତା, ସତ୍ ଅଭ୍ୟାସ, ସତସଙ୍ଗ ଦ୍ୱାରା ଦୁର୍ଗୁଣ ରହିବାକୁ ସ୍ଥାନ ପାଇବ ନାହିଁ। ଅନ୍ଧାରକୁ ଦୂର କରିବା ପାଇଁ ଆମ ସଂଗ୍ରାମ ନକରି କେବଳ ଆଲୋକ ପ୍ରଜ୍ୱଳନ କରିଦେଲେ ଛାଏଁ ଛାଏଁ ଅନ୍ଧକାର ଦୂର ହୋଇଯିବ। ସେହିଭଳି ସଦଗୁଣର ବିକାଶ ଦ୍ୱାରା ଛାଏଁ ଛାଏଁ ଏ ସମସ୍ତ ଦୁର୍ଗୁଣ ଦୂର ହୋଇଯିବେ। ହୃଦୟ ଶୁଦ୍ଧ ପବିତ୍ର ଏବଂ ନିର୍ମଳ ହୋଇଯିବ। ହୃଦୟରେ ଆତ୍ମ ଚେତନା ଜାଗ୍ରତ ହେବ। ପରମାତ୍ମା ସ୍ୱତଃ ପ୍ରକଟିତ ହେବେ।

ସୃଷ୍ଟି ନିତ୍ୟ ପରିବର୍ତ୍ତନଶୀଳ, ଅସ୍ଥାୟୀ। ସରିସରି ଆସୁଥିବା ଏହି ସଂସାରରେ ସୁଖ ନାହିଁ। ତେଣୁ ଶାସ୍ତ୍ର ଓ ଅନୁଭବୀ ମହାତ୍ମାମାନେ କହିଛନ୍ତି ସଂସାର ଅସାର, ଦୁଃଖାଳୟ ଅଶାଶ୍ୱତମ୍। ଯାହା ସୁଖ ବୋଲି ଆଭାସ ହେଉଛି ତାହା ଆତ୍ମାର ପ୍ରକାଶ ମାତ୍ର। ଆତ୍ମା ନିତ୍ୟ ସତ୍ୟ ସୁନ୍ଦର ସନାତନ। ଆମେ ସମସ୍ତେ ଅଜର ଅମର ଆତ୍ମସ୍ୱରୂପ। ଏହି ଆତ୍ମାନୁଭବ ଆମ ସମସ୍ତଙ୍କର ଲକ୍ଷ୍ୟ। ଆତ୍ମା ସହିତ ନିତ୍ୟଯୁକ୍ତ ହେବା। ଏଥିପାଇଁ ତିନିଗୋଟି ମାର୍ଗ ନିର୍ଦ୍ଦେଶ କରାଯାଇଛି। କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ। ବ୍ୟକ୍ତି ଆପଣା ଅନ୍ତଃବିଚାରର ଗୁଣଧର୍ମ ଅନୁସାରେ ସେହି ସେହି ଯୋଗକୁ ମାର୍ଗ ଭାବରେ ଗ୍ରହଣ କରିଥାଏ। ଯାହାର କର୍ମ ଯୋଗରେ ରୁଚି ସେ ସର୍ବାନ୍ତକରଣରେ ଅନ୍ୟ ମାନଙ୍କ ସେବାରେ ନିଜକୁ ବିନିଯୋଗ କରି ସମର୍ପିତ ଭାବରେ ସେବା କରିବ। ଯାହାର ଜ୍ଞାନଯୋଗରେ ରୁଚି ସେ ସ୍ୱୟଂ ସଂସାରରୁ ଅନାସକ୍ତ ରହି ସ୍ୱସ୍ୱରୂପରେ ମଗ୍ନ ରହିବ। ଜଣେ ଭକ୍ତର ଆଧାର ହେଉଛି ସେବା ଆଉ ସମର୍ପଣ। ଭଗବାନ ମୋର ଆଉ ମୁଁ ତାଙ୍କର। ସମ୍ପୂର୍ଣ୍ଣ ସମର୍ପିତ ହୋଇ ଅନନ୍ୟ ଚିତ୍ତରେ ପ୍ରଭୁଙ୍କ ସେବା କରିବା ଭକ୍ତିଯୋଗ। ଏହି ସମସ୍ତ ଯୋଗର ମାନଦଣ୍ଡ ହେଉଛି ବୈରାଗ୍ୟର ମାପଦଣ୍ଡରେ ଅଧିକାରୀର ଅଧିକାର ସାବ୍ୟସ୍ତ ହୋଇଥାଏ। ଭଗବାନ ପରମ ଦୟାଳୁ। ଆପଣା ପ୍ରତିଭୂ ଭାବରେ ସେ ମଣିଷକୁ ଶ୍ରେଷ୍ଠକରି ଗଢ଼ିଛନ୍ତି। ମଣିଷ ଭିତରେ ପରିପୂର୍ଣ୍ଣ ହେବାର ଅମାପ ଶକ୍ତି ପ୍ରଦାନ କରିଛନ୍ତି। ଏହି ଶକ୍ତି ତିନିଗୋଟି ଭାବରେ ମଣିଷ ହୃଦୟରେ ପ୍ରକାଶିତ ହୋଇଛି – ସେ ସବୁ ହେଲେ – କରିବା ଶକ୍ତି, ଜାଣିବା ଶକ୍ତି ଓ ମାନିବା ଶକ୍ତି। ଅନ୍ୟ ଭାବରେ ଏହା ବଳ, ଜ୍ଞାନ ଓ ବିଶ୍ୱାସ। ନିଃସ୍ୱାର୍ଥ ସେବା କରିବା ପାଇଁ ବଳ, ଆପଣା ସ୍ୱରୂପକୁ ଜାଣିବା ହେଉଛି ଜ୍ଞାନ ଏବଂ ମୁଁ ଭଗବାନଙ୍କର ଓ ଭଗବାନ ମୋର ଗଭୀର ବିଶ୍ୱାସର ସହିତ ଏହା ମାନି ସମର୍ପିତ ହୋଇଯିବା ହେଉଛି ଭକ୍ତି। ଶ୍ରଦ୍ଧା, ବିଶ୍ୱାସ ଓ ବୈରାଗ୍ୟ ଆଧାରରେ ଆପଣା ରୁଚି ଅନୁସାରେ ଈଶ୍ୱରଙ୍କ ସହିତ ଯୋଗଯୁକ୍ତ ହେବା ହେଉଛି ଆନନ୍ଦମୟ ସଫଳ ଜୀବନ। ଏହିଥିରେ ଜୀବନର ପରମ ସାର୍ଥକତା ଓ ସର୍ବ ଜିଜ୍ଞାସାର ପରିସମାପ୍ତି।

ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬ଜ



# ନିର୍ବାଚନ ଆୟୋଗଙ୍କୁ କୋଲକାତା ହାଇକୋର୍ଟଙ୍କ ତୀବ୍ର ଭର୍ତ୍ସନା

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):ପଶ୍ଚିମବଙ୍ଗର ଆଗାମୀ ଉପନିର୍ବାଚନ ପାଇଁ ଚିହ୍ନ ବଣ୍ଟନକୁ ନେଇ ନିର୍ବାଚନ ଆୟୋଗଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି କୋଲକାତା ହାଇକୋର୍ଟ। ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍ଏଫ୍) ୨୦୨୬ ବିଧାନସଭା ନିର୍ବାଚନରେ ବ୍ୟବହାର କରିଥିବା 'ଏନ୍‌ଭେଲପ୍' ଚିହ୍ନକୁ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସକୁ ଦିଆଯାଇଥିବାରୁ ଏହି ମାମଲା ହାଇକୋର୍ଟରେ ପହଞ୍ଚିଛି।ବିଚାରପତି କୃଷ୍ଣ ରାଓ ନିର୍ବାଚନ କମିଶନଙ୍କୁ କହିଥିଲେ ଯେ, କର୍ତ୍ତୃପକ୍ଷଙ୍କୁ ନିରପେକ୍ଷ ଓ ନ୍ୟାୟସଙ୍ଗତ ଭାବେ କାମ କରିବା ଉଚିତ। ନିର୍ବାଚନ ଆରମ୍ଭ ହେବା ପରେ ବିବାଦ ସୃଷ୍ଟି ହେଉଥିବାରୁ ଦଳଗୁଡ଼ିକୁ ଅଦାଲତର ଦ୍ୱାରସ୍ଥ ହେବାକୁ ପଡୁଛି ଓ ଏହା ଅଦାଲତ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି ବୋଲି ସେ ମତ ଦେଇଥିଲେ।ଆଇଏସ୍ଏଫ୍‌ର ପକ୍ଷରୁ ହାଇକୋର୍ଟରେ ଆବେଦନ କରି 'ଏନ୍‌ଭେଲପ୍' ଚିହ୍ନକୁ ଅନ୍ୟ କୌଣସି ଦଳକୁ ଦିଆ ନଯିବା ପାଇଁ ନିର୍ଦ୍ଦେଶ ଲୋଡ଼ାଯାଇଛି। ଦଳର କହିବା ଅନୁସାରେ, ବିଧାନସଭା ନିର୍ବାଚନରେ



ଯେଉଁ ଚିହ୍ନରେ ପ୍ରାର୍ଥୀମାନେ ଲଢ଼ିଥିଲେ, ସେହି ଚିହ୍ନ ଉପନିର୍ବାଚନରେ ଅନ୍ୟ କାହାକୁ ପ୍ରଦାନ କରାଗଲେ ଭୋଟରମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇପାରେ। ଏହାପରେ ଆୟୋଗ ଆଇଏସ୍ଏଫ୍‌କୁ 'ଆଲମିରା' ଚିହ୍ନ ଦେଇଛନ୍ତି।କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ, ଆଇଏସ୍ଏଫ୍ ଏକ ପଞ୍ଜୀକୃତ କିନ୍ତୁ ଅସ୍ୱୀକୃତ ରାଜନୈତିକ ଦଳ। ଏଭଳି ଦଳଗୁଡ଼ିକ ପାଇଁ ସ୍ଥାୟୀ ଭାବେ ସଂରକ୍ଷିତ ଚିହ୍ନ ନଥାଏ। ଆଇଏସ୍ଏଫ୍‌କୁ ପୂର୍ବରୁ ଦୁଇଥର 'ଏନ୍‌ଭେଲପ୍' ଚିହ୍ନ ଦିଆଯାଇଥିଲା ବୋଲି କମିଶନଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା। ଅନ୍ୟପକ୍ଷରେ, ଆଇଏସ୍ଏଫ୍‌ର ଆଇନଜୀବୀ କହିଥିଲେ ଯେ ଉପନିର୍ବାଚନ ପାଇଁ ନୂଆ କରି ଚିହ୍ନ ଆବଣ୍ଟନ ନିମନ୍ତେ ଫର୍ମ ୧୦ବି ଦାଖଲ କରିବାକୁ କମିଶନଙ୍କ ପକ୍ଷରୁ କୌଣସି ନୂଆ ବିଜ୍ଞପ୍ତି ଜାରି ହୋଇନଥିଲା।ବିଚାରପତି ରାଓ ପ୍ରଶ୍ନ କରିଥିଲେ, ଯଦି ମାତ୍ର ଚାରି ମାସ ପୂର୍ବେ ଏହି ଚିହ୍ନ ଗୋଟିଏ ଦଳ ବ୍ୟବହାର କରିଥିଲା, ତେବେ ଉପନିର୍ବାଚନ ପାଇଁ ଅନ୍ୟ ୧୮୩ଟି ଚିହ୍ନ ମଧ୍ୟରୁ ଅନ୍ୟ କୌଣସି ଚିହ୍ନ କାହିଁକି ବଛାଗଲା ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାର ହେବ।

# ରାହୁଲଙ୍କୁ ଶାହଙ୍କ କଟାକ୍ଷ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଉପରେ କଟାକ୍ଷ କରି କହିଛନ୍ତି ଯେ, ମୃତ ମାନସିକତାର ବ୍ୟକ୍ତି ଭାରତର ସମୃଦ୍ଧିକୁ ଦେଖିପାରିବ ନାହିଁ। ସେମାନେ ସେମାନଙ୍କ ଚାରିପାଖରେ କେବଳ ନିର୍ଜୀବତା ଦେଖନ୍ତି। ଭାରତର ଅର୍ଥନୈତିକ ଅଭିବୃଦ୍ଧି, ଏହାର ଅଭିବୃଦ୍ଧି ପୂର୍ବାନୁମାନ ଓ ସାର୍ବଭୌମ ମୂଲ୍ୟାଙ୍କନରେ ସମ୍ପ୍ରତି ହୋଇଥିବା ଅପଗ୍ରେଡ ବିଷୟରେ ଉଲ୍ଲେଖ କରି କେନ୍ଦ୍ର ଗୃହମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।ଉତ୍ତର ପ୍ରଦେଶରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀ ୨୦୨୬ କୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ, କିଛି ଲୋକ ଭାରତର ଜିଡିପି ଅଭିବୃଦ୍ଧିକୁ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ସେ ମୁଡିଜ୍‌?ର ଭାରତ ପାଇଁ ଅଭିବୃଦ୍ଧି ପୂର୍ବାନୁମାନ ୬% ରୁ ୭% କୁ ଉଦ୍ଧୃତ କରି କହିଛନ୍ତି ଯେ, ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ଏହାର ଅଭିବୃଦ୍ଧିକୁ ବଜାୟ ରଖିଛି ଓ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜନୈତିକ ସ୍ଥିରତା ଉପରେ ମଧ ଶାହ ଆଲୋକପାତ କରି କହିଥିଲେ ଯେ, ନୀତି ନିରନ୍ତରତା ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଭାରତକୁ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରିଛି।

# ଜ୍ଞାନେଶଙ୍କୁ ପଦ୍ମଭୂଷଣ ଦିଅ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ଦେଶ ଉଠୁଛି ପଡୁଛି। ବିରୋଧୀମାନେ ତାଙ୍କୁ ସମାଲୋଚନା କରିବା ସହିତ ଇସ୍ତଫା ଦାବି କରୁଛନ୍ତି। ହେଲେ ଏପରି ସମୟରେ ତାଙ୍କ ସମର୍ଥନରେ ବାହାରିଛନ୍ତି ପଶ୍ଚିମବଙ୍ଗ ବିଜେପି ସଭାପତି ଶମିକ ଭଟ୍ଟାଚାର୍ଯ୍ୟ। ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସଂଶୋଧନ ନେଇ ହୋଇଥିବା କାମକୁ ସେ ପ୍ରଶଂସା କରିଛନ୍ତି।ଭଟ୍ଟାଚାର୍ଯ୍ୟ କହିଛନ୍ତି, ପଶ୍ଚିମବଙ୍ଗରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ କରିବାର



ସୁଯୋଗ ମିଳିବା ଓ ଭୋଟର ତାଲିକା ସୁଧାରିବାରେ ଜ୍ଞାନେଶ କୁମାରଙ୍କ ପ୍ରମୁଖ ଭୂମିକା ରହିଛି। ଏଥିପାଇଁ ତାଙ୍କୁ ଅନ୍ତତଃ ପଦ୍ମ ଭୂଷଣ ସମ୍ମାନ ମିଳିବା ଉଚିତ ବୋଲି ସେ କହିଛନ୍ତି।ଏକ ରିପୋର୍ଟରେ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ଏସ୍ଆଇଆର୍ ସମ୍ପର୍କିତ କେତେକ ନିଷ୍ପତ୍ତି ନେଇ ଗତ ୧୦ ମାସରେ ଏକାଧିକ ଥର ଲିଖିତ ଭାବେ ଅସମ୍ମତି ଜଣାଇଥିବା ଦାବି କରାଯାଇଛି। ତେବେ ନିର୍ବାଚନ କମିଶନ ପକ୍ଷରୁ ଏପରି ଲିଖିତ ନୋଟ୍ ଓ ଆଭ୍ୟନ୍ତରୀଣ ଯାଞ୍ଚକୁ କମିଶନର ସାଧାରଣ ପ୍ରକ୍ରିୟାର ଅଂଶ ବୋଲି କୁହାଯାଇଛି। ଏସ୍ଆଇଆର୍ ସମେତ କମିଶନର ସମସ୍ତ ନିଷ୍ପତ୍ତି ଆଇନଗତ ଭାବେ ବୈଧ ଓ ଅନ୍ତିମ ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତ ଥିବା ଦର୍ଶାଇଛି।ଏହି ବିବାଦ ମଧ୍ୟରେ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ଏସ୍ଆଇଆର୍ ସମୟରେ ଭୋଟର ତାଲିକାରୁ ନାମ ଯୋଡ଼ାଯିବା ଓ ହଟାଯିବାକୁ ନେଇ ସେ ପ୍ରଶ୍ନ ଉଠାଇବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଜ୍ଞାନେଶ କୁମାର ଇସ୍ତଫା ଦେଇ ସରକାରୀ ସାକ୍ଷୀ ହେବାକୁ ମଧ ସେ କହିଛନ୍ତି।

# ୟୁକ୍ରେନ୍‌ରେ ତିଆରି ହେବ ଆମେରିକୀୟ ମିସାଇଲ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ୟୁକ୍ରେନକୁ ଆମେରିକାର ପାଟ୍ରିଅଟ୍ ପ୍ରତିରକ୍ଷା ମିସାଇଲ୍ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଚୂଡ଼ାନ୍ତ ନିଷ୍ପତ୍ତି' ନେଇଛନ୍ତି। ଶୁକ୍ରବାର ଦିନ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ସୂଚନା ଦେଇଛନ୍ତି। ରୁଷର ବାଲିଷ୍ଟିକ୍ ମିସାଇଲ ଆକ୍ରମଣକୁ ପ୍ରତିହତ କରିବାରେ ପାଟ୍ରିଅଟ୍ ସିଷ୍ଟମ୍ ସବୁଠାରୁ ନିର୍ଭରଯୋଗ୍ୟ ହୋଇଥିବା ବେଳେ, ବର୍ତ୍ତମାନ ୟୁକ୍ରେନ୍ ନିକଟରେ ଏହାର ଘୋର ଅଭାବ ଦେଖାଦେଇଛି। ଟ୍ରମ୍ପଙ୍କ ସହ ନିକଟରେ ହୋଇଥିବା ଆଲୋଚନା ସମ୍ପର୍କରେ ଜେଲେନସ୍କି ସାମ୍ବାଦିକମାନଙ୍କୁ ଜଣାଇଛନ୍ତି ଯେ, ଏହି ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ୟୁକ୍ରେନକୁ ଏହାର ଉତ୍ପାଦନ ଲାଇସେନ୍ସ ମିଳିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ପ୍ରସ୍ତାବ ଉପରେ ଟ୍ରମ୍ପ ଦ୍ୱିଧା ପ୍ରକାଶ କରିଥିଲେ। ଗତ ଜୁଲାଇ ମାସରେ ସେ ଏହି ନିଷ୍ପତ୍ତିକୁ ଏକ ଭଲ ବିଚାର ବୋଲି କହିଥିଲେ ମଧ ପରବର୍ତ୍ତୀ ସମୟରେ ସତର୍କତାର ସହ ଆଗେଇବାକୁ ମତ ଦେଇଥିଲେ। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ଏବଂ ଇସ୍ରାଏଲ୍‌?ର ଇରାନ ସହ ସଂଘର୍ଷ ଯୋଗୁଁ ଆମେରିକାର ପାଟ୍ରିଅଟ୍ ମିସାଇଲ ଯୋଗାଣ ସ୍ଥାନାନ୍ତରିତ ହୋଇଥିଲା, ଫଳରେ ୟକ୍ରେନରେ ଏହାର ଅଭାବ ଦେଖାଦେଇଥିଲା। ସେପଟେ ଲାଇସେନ୍ସ ମିଳିବା ସତ୍ତ୍ୱେ, ୟୁକ୍ରେନରେ ଏହି ମିସାଇଲ୍ ନିର୍ମାଣ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଅଧିକ ସମୟ ଲାଗିଯିବ। ତେଣୁ ଏହା ୟୁକ୍ରେନର ସଦ୍ୟତମ ସୁରକ୍ଷା ଆବଶ୍ୟକତାକୁ ତୁରନ୍ତ ପୂରଣ କରିପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ଉତ୍ତରପ୍ରଦେଶରେ ନିର୍ମିତ ବ୍ରହ୍ମୋସ ମିସାଇଲ୍ ପାକିସ୍ତାନର ନିଦ ହଜାଇ ଦେଇଛି

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):ଉତ୍ତର ପ୍ରଦେଶରେ ନିର୍ମାଣ ହେଉଥିବା 'ବ୍ରହ୍ମୋସ' ସୁପରସୋନିକ୍ କ୍ରୁଜ୍ ମିସାଇଲ୍ ପାକିସ୍ତାନର ନିଦ ହଜାଇ ଦେଇଛି ବୋଲି ଶୁକ୍ରବାର ଗୃହମନ୍ତ୍ରୀ ଅମିତ ଶାହ ପ୍ରକାଶ କରିଛନ୍ତି। ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋ ସେଣ୍ଟର ଏବଂ ମାର୍ଟଠାରେ ଉତ୍ତର ପ୍ରଦେଶ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାର ଚତୁର୍ଥ ସଂସ୍କରଣକୁ ଉଦଘାଟନ କରିବା ଅବସରରେ ସେ ରାଜ୍ୟର ବୃଦ୍ଧି ପାଉଥିବା ପ୍ରତିରକ୍ଷା ଉତ୍ପାଦନ କ୍ଷମତା ଓ ନିବେଶ ଅନୁକୂଳ ପରିବେଶକୁ ପ୍ରଶଂସା କରିଛନ୍ତି।ଉତ୍ତର ପ୍ରଦେଶ ପ୍ରତିରକ୍ଷା ଶିଳ୍ପ କରିଡରର ସମସ୍ତ ୬ଟି ଅଞ୍ଚଳ ଝାନ୍ସୀ, ଚିତ୍ରକୂଟ, ଲକ୍ଷ୍ନୌ, ଆଗ୍ରା, ଆଲିଗଡ଼ ଏବଂ କାନପୁରରେ ବ୍ୟାପକ ନିବେଶ ହେଉଥିବା ସେ ସୂଚନା ଦେଇଛନ୍ତି। ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ୟୁନିଟ୍ ଏବଂ ଆମେଠିରେ ପ୍ରସ୍ତୁତ ଏକେ-୨୦୩ ଆସଲ୍ଟ ରାଇଫଲର ଉଦାହରଣ ଦେଇ ସେ କହିଛନ୍ତି ଯେ, ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଆତଙ୍କବାଦୀ, ନକ୍ସଲ ଏବଂ ଶତ୍ରୁପକ୍ଷ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ୨୦୨୫ ମେ'' ମାସରେ ଲକ୍ଷ୍ନୌଠାରେ ୩୦୦ କୋଟି ନିବେଶରେ ୨୦୦ ଏକର ପରିମିତ ଜମିରେ ବ୍ରହ୍ମୋସ ସଂଯୋଜନ ଓ ପରୀକ୍ଷଣ କେନ୍ଦ୍ର ଉଦଘାଟନ କରାଯାଇଥିବା ବେଳେ ଗତ ଅକ୍ଟୋବର



୨୦୨୫ରେ ଏଠାରୁ ପ୍ରଥମ ବ୍ୟାଚ୍ ମିସାଇଲ୍ ଯୋଗାଣ ଆରମ୍ଭ ହୋଇଥିଲା।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ ଦେଶ ସହ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ଯୋଗୁଁ ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତର ରପ୍ତାନି କ୍ଷମତା ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୭ ପରଠାରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ରାଜ୍ୟରୁ ମାଫିଆରାଜର ଅନ୍ତ ଘଟିବା ସହ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିଥିବାରୁ ନିବେଶକଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ଏହାସହ ଏକ ଜିଲ୍ଲା ଏକ ଉତ୍ପାଦ ଯୋଜନା ଜରିଆରେ ସ୍ଥାନୀୟ ସ୍ତରରେ ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ମିଳୁଥିବାରୁ ସେମାନଙ୍କର ଅନ୍ୟ ରାଜ୍ୟକୁ ଯିବା ହ୍ରାସ ପାଇଛି। ସେପ୍ଟେମ୍ବର ୨୫ରୁ ୨୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବାଣିଜ୍ୟ ମେଳାରେ ୮୫ଟି ଦେଶରୁ ୫୫୦ରୁ ଅଧିକ ଆନ୍ତର୍ଜାତୀୟ କ୍ରେତା ଏବଂ ୨,୪୦୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିଛନ୍ତି।

# ଆକାଶ ଏୟାର ୨୦୦ ବିମାନ କିଣିବ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):ଭାରତର ବିମାନ ଯାତ୍ରା ବଜାରରେ ବିସ୍ତାର ଯୋଜନା କରୁଛି ଆକାଶ ଏୟାର। ଏଥିପାଇଁ କମ୍ପାନି ୨୦୦ରୁ ଅଧିକ ବୋଇଂ ୭୩୭ ମ୍ୟାକ୍ସ ବିମାନକିଣିବା ନେଇ ବୋଇଂ ସହ ଆଲୋଚନା କରୁଛି। ଏହି ବଡ଼ ଅର୍ଡର ନେଇ ଆସନ୍ତା ବର୍ଷ ପ୍ରାରମ୍ଭରେ ନିଷ୍ପତ୍ତି ହୋଇପାରେ। ଚୁକ୍ତିର ସର୍ତ୍ତଗୁଡ଼ିକ ୨୦୨୭ର ଦ୍ୱିତୀୟାର୍ଦ୍ଧରେ ଚୂଡ଼ାନ୍ତ ହେବା ସମ୍ଭାବନା ରହିଛି।ଏହି ବିମାନଗୁଡ଼ିକ ଆସିଲେ ୨୦୩୨ ପରେ ମଧ ଆକାଶର ଫ୍ଲିଟ୍ ବିସ୍ତାର ଜାରି ରହିବ। ୨୦୨୨ରେ ଉଡ଼ାଣ ଆରମ୍ଭ କରିଥିବା ଆକାଶ ଏୟାର ବର୍ତ୍ତମାନ ୪୩ଟି ବୋଇଂ ୭୩୭ ମ୍ୟାକ୍ସ ବିମାନ ଚଳାଉଛି। ଏହା ସହିତ ଆସନ୍ତା ଦଶନ୍ଧିରେ ଡେଲିଭରି ପାଇଁ କମ୍ପାନିର ପୂର୍ବରୁ ବିମାନ ଅର୍ଡର ରହିଛି। ଆକାଶ ୨୦୨୭ ମାର୍ଚ୍ଚ ସୁଦ୍ଧା ନିଜର କ୍ଷମତା ପ୍ରାୟ ୩୦% ବଢ଼ାଇବା ଲକ୍ଷ୍ୟ ରଖିଛି। ୨୦୨୪ରେ ଆକାଶ ୧୫୦ଟି ଅତିରିକ୍ତ ବୋଇଂ ୭୩୭ ମ୍ୟାକ୍ସ ପାଇଁ ବରାଦ ଦେଇଥିଲା। ଫଳରେ ବୋଇଂ ପାଖରେ ଏହାର ମୋଟ ବରାଦ ୨୨୬ ବିମାନକୁ ବୃଦ୍ଧି ପାଇଛି।

# ଜାତିସଂଘରେ ବର୍ଷିଲେ ନେତାନ୍ୟାହୁ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ଜାତିସଂଘ ସାଧାରଣ ସଭାରେ ସମ୍ବୋଧନ କଲା ବେଳେ ହଟହଟା ହେଲେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ। ଗୁରୁବାର ନ୍ୟୁୟର୍କର ସାଧାରଣ ସଭାରେ ସେ ସମ୍ବୋଧନ କରିବାକୁ ପୋଡିୟମକୁ ଉଠିବା ବେଳେ ପ୍ରବଳ ନାରାବାଜୀ ହୋଇଥିଲା। ସେ ଭାଷଣ ଦେବା ବେଳକୁ ଏକାଧିକ କୂଟନୀତିଜ୍ଞ ସଭା ଛାଡି ଚାଲିଯାଇଥିଲେ। ପାଲେଷ୍ଟାଇନର ୱେଷ୍ଟବ୍ୟାଙ୍କକୁ କବ୍ଜା କରିବାରେ ଇସ୍ରାଏଲ ନୀତିକୁ ଡିପ୍ଲୋମାଟମାନେ ବିରୋଧ କରିଥିଲେ।ତେବେ କିଛି ଡିପ୍ଲୋମାଟ୍ ସଭା ଛାଡି ଚାଲିଥିବା ବେଳେ ଆଉ କିଛି ନେତନ୍ୟାହୁଙ୍କ ଭାଷଣରେ ତାଳିମାରି ତାଙ୍କୁ ଉତ୍ସାହିତ କରିଥିଲେ। ଛିଡ଼ା ହୋଇ କରତାଳି ଦେଇ ଅନ୍ୟମାନଙ୍କୁ 'ଆମ୍ ୟିସ୍ରାଏଲ୍ ଚାଇ' ବୋଲି ଘୋଷଣା କରୁଥିବାର ଶୁଣିବାକୁ ମିଳିଥିଲା। ଏହା ଏକ ହିବ୍ରୁ ବାକ୍ୟାଂଶ ଯାହାର ଅର୍ଥ ହେଉଛି 'ଇସ୍ରାଏଲର ଲୋକମାନେ ଏବେ ବି ବଞ୍ଚି ରହିଛନ୍ତ'।ସେପଟେ ସଭା ଛାଡି ଚାଲିଯାଉଥିବା ଲୋକଙ୍କୁ ନେତାନ୍ୟାହୁ ତୁରନ୍ତ କଟାକ୍ଷ କରିଥିଲେ। ନିଜ ଭାଷଣ ଆରମ୍ଭ କରିବା ସମୟରେ ସେ କହିଥିଲେ, 'ଯଦି ଆଉ କୌଣସି ନୈତିକ ଦୃଷ୍ଟିକୋଣରୁ କାପୁରୁଷ ବ୍ୟକ୍ତି ଏହି ହଲ୍ରୁ ବାହାରି ଯାଇନାହାନ୍ତି, ତେବେ ଦୟାକରି ବର୍ତ୍ତମାନ ହିଁ ଚାଲିଯାଆନ୍ତୁ।'ଜାତିସଂଘ ସାଧାରଣ ପରିଷଦରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଭାଷଣ ସମୟରେ ଇରାନ୍, କତାର, ତୁର୍କୀ ଓ ସିରିଆକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଇରାନର ପରମାଣୁ କାର୍ଯ୍ୟକ୍ରମ ବିରୋଧରେ ଇସ୍ରାଏଲ୍ ଓ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ସେ ସମର୍ଥନ କରିଥିଲେ।ତେବେ ଭାଷଣ ବେଳେ ଯେଉଁମାନେ ହଲ୍ ଛାଡି ପଳାଇଥିଲେ ନେତାନ୍ୟା ସେମାନଙ୍କୁ କଟାକ୍ଷା କରି କହିଛନ୍ତି ଯେଉଁ ଦେଶଗୁଡ଼ିକର ପ୍ରତିନିଧିମାନେ ତାଙ୍କ ଭାଷଣ ସମୟରେ ହଲ୍ରୁ ବାହାରିଯାଇଥିଲେ, ସେମାନଙ୍କ ମଧ୍ୟରୁ କିଛି ଦେଶର ନେତା ଗୁପ୍ତ ଭାବେ ଇସ୍ରାଏଲକୁ ଧନ୍ୟବାଦ ଦେଇଛନ୍ତି। ନେତାନ୍ୟାହୁଙ୍କ ଭାଷଣ ଶୁଣିବା ପରେ ହଲରେ ଉପସ୍ଥିତି ଥିବା ଡିପ୍ଲୋମାଟମାନେ ହସିଥିଲେ।

# ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଆମେରିକାକୁ ଇରାନର '୭ ଦିନିଆ' ପ୍ରସ୍ତାବ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):ଆମେରିକା ଓ ଇସ୍ରାଏଲ୍ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଶାନ୍ତି ଆଲୋଚନା ପାଇଁ ଆମେରିକା ଆଗରେ ଏକ ନୂଆ '୭ ଦିନିଆ' ପ୍ରସ୍ତାବ ରଖିଛି ଇରାନ୍। ଗୁରୁବାର ନ୍ୟୁୟର୍କରେ ଅନୁଷ୍ଠିତ ମିଳିତ ଜାତିସଂଘ ସାଧାରଣ ସଭା ଅବସରରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏହି ସୂଚନା ଦେଇଛନ୍ତି। ମଧ୍ୟସ୍ଥମାନଙ୍କ ଜରିଆରେ ହ୍ୱାଇଟ୍ ହାଉସକୁ ପଠାଯାଇଥିବା ଏହି ଯୋଜନାରେ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ ହେଲେ, ମାତ୍ର ସପ୍ତାହକ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସ୍ୱାଭାବିକ କରାଯିବ ଏବଂ ଦୁଇ ଦେଶ ମଧ୍ୟରେ ଅନ୍ତିମ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହେବ ବୋଲି ସେ କହିଛନ୍ତି। ଇରାନର ଏହି ପ୍ରସ୍ତାବ ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ୍ ପିଛା ୧୦୮ ଡଲାରରୁ ହ୍ରାସ ପାଇ ୧୦୫.୬୯ ଡଲାରରେ ପହଞ୍ଚିଛି।

ଇରାନ୍ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରସ୍ତାବ ଗତ ଜୁନ୍ ମାସରେ ଆମେରିକା ଓ ଇରାନ୍ ମଧ୍ୟରେ ହୋଇଥିବା ବୁଝାମଣାପତ୍ର (ଏମ୍‌ଓୟୁ) ଉପରେ ଆଧାରିତ। ତେବେ ଜୁଲାଇ ପ୍ରାରମ୍ଭରେ ଅନଧିକୃତ ଜଳପଥ ବ୍ୟବହାର କରୁଥିବା ଜାହାଜଗୁଡ଼ିକ ଉପରେ ଇରାନ୍ ଗୁଳିଚାଳନା କରିବା ପରେ ଏହି ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ବର୍ତ୍ତମାନର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପୁରୁଣା ବୁଝାମଣାକୁ ପ୍ରତ୍ୟାଖ୍ୟାନ କରି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସାମିଲ କରି ଏକ ବ୍ୟାପକ ଚୁକ୍ତି ପାଇଁ ଜିଦ୍ ଧରିଛି। ଜାତିସଂଘରେ ନିଜ ଭାଷଣ ସମୟରେ ଟ୍ରମ୍ପ୍ ଅଭିଯୋଗ କରିଥିଲେ ଯେ ଆସନ୍ତା ନଭେମ୍ବର ମିଡଟର୍ମ (ମଧ୍ୟବର୍ତ୍ତୀକାଳୀନ) ନିର୍ବାଚନ ପର୍ଯ୍ୟନ୍ତ ଇରାନ୍ ସମୟ ଗଡ଼ାଇବାକୁ ଚେଷ୍ଟା କରୁଛି। ତେବେ ଇରାନର ବୈଦେଶିକ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେମାନେ ଆଲୋଚନା ପାଇଁ କୌଣସି ଶୀଘ୍ରତା ଦେଖାଉନାହାନ୍ତି, ମାତ୍ର ଆମେରିକା ପ୍ରସ୍ତାବ ଗ୍ରହଣ କଲେ ସଙ୍ଗେ ସଙ୍ଗେ ୭ ଦିନର ସମୟସୀମା ଆରମ୍ଭ ହୋଇଯିବ।

# ମୋତେ ଏନକାଉଣ୍ଟର କରାଯାଇପାରେ : ସୋନମ୍ ୱାଙ୍ଗଚୁକ୍

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ୍ ୱାଙ୍ଗଚୁକ୍ ଗୁରୁବାର କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ଗୁରୁତର ଅଭିଯୋଗ ଆଣିବା ସହ ତାଙ୍କୁ ଏନକାଉଣ୍ଟର କରି ହତ୍ୟା କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ସମୟରେ ସୁରକ୍ଷା ବାହିନୀର ଗୁଳିଚାଳନାରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟଣାର ପ୍ରଥମ ବାର୍ଷିକୀ ଅବସରରେ ସେ ଏହି ବୟାନ ଦେଇଛନ୍ତି। ଏହି ବିପର୍ଯ୍ୟୟ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ



ସିଧାସଳଖ ଦାୟୀ କରିବା ସହ ସେ ତାଙ୍କର ଇସ୍ତଫା ଦାବି କରିଛନ୍ତି।ୱାଙ୍ଗଚୁକ୍ ଅଭିଯୋଗ କରିଛନ୍ତି ଯେ ଲଦାଖରେ ମୁସଲିମ୍ ଓ ବୌଦ୍ଧ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଭିଆଇବା ପାଇଁ ଗୁପ୍ତ ଷଡ଼ଯନ୍ତ୍ର କରାଯାଇଥିଲା। ଗୁଳିଚାଳନା ନିର୍ଦ୍ଦେଶ ଦେବା ପାଇଁ ମାଜିଷ୍ଟ୍ରେଟ୍ ଭାବେ ନିୟୋଜିତ ଅଫିସରମାନେ ମନା କରିବା ସତ୍ତ୍ୱେ ବେଆଇନ ଭାବେ ଗୁଳିଚାଳନା କରାଯାଇଥିଲା। ସେହିପରି ସରକାର ଗଠନ କରିଥିବା ଜଷ୍ଟିସ୍ ବି.ଏସ୍. ଚୌହାନଙ୍କ ନ୍ୟାୟିକ ତଦନ୍ତ କମିଟିର ରିପୋର୍ଟକୁ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ଲଦାଖକୁ ରାଜ୍ୟ ପାହ୍ୟା ପ୍ରଦାନ କରିବାକୁ ଦେଇଥିବା ପ୍ରତିଶ୍ରୁତିରୁ କେନ୍ଦ୍ର ସରକାର ଓହରି ଯାଇଥିବାରୁ ଏହି ଅସନ୍ତୋଷ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

# ଅକ୍ଟୋବର ୨ରୁ ଦେଶବ୍ୟାପୀ ଆନ୍ଦୋଳନ ଡାକରା

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଓ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସାରା ଦେଶରେ ବିବାଦ ତୀବ୍ର ହେବାରେ ଲାଗିଛି। ମୁଖ୍ୟ ନିର୍ବାଚନ କମିସନର୍ (ସିଇସି) ଜ୍ଞାନେଶ କୁମାର ସ୍ୱେଚ୍ଛାକୃତ ଭାବେ ଇସ୍ତଫା ନଦେଲେ, ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ମୁମ୍ବାଇରୁ ଦେଶବ୍ୟାପୀ ବୃହତ୍ ଆନ୍‌ଦୋଳନ ଆରମ୍ଭ କରାଯିବ ବୋଲି 'କାକ୍ରୋଚ୍ ଜନତା ପାର୍ଟି' (ସିଜେପି) ଚେତାବନୀ ଦେଇଛି। ଦଳର ଜାତୀୟ ସଂଯୋଜକ ଅଭିଜିତ୍ ଦୀପକେ ସୋସିଆଲ୍ ମିଡିଆ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି।ସିଜେପି ପକ୍ଷରୁ ସିଇସି ଜ୍ଞାନେଶ କୁମାର ଭୋଟରଙ୍କ ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ଆଣି ତାଙ୍କର ତୁରନ୍ତ ଇସ୍ତଫା ଦାବି କରାଯାଇଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ନମିଳିଲେ ଦେଶରେ ଜନ୍ତର ମନ୍ତର ୨.୦' ଭଳି ସ୍ଥିତି ସୃଷ୍ଟି ହେବ ବୋଲି ଦଳ କହିଛି। ଏହାସହ ବିରୋଧୀ ଦଳଗୁଡ଼ିକୁ କଟାକ୍ଷ କରି ଦୀପକେ କହିଛନ୍ତି ଯେ, ନିର୍ବାଚନରେ କାରସାଦି ହେଉଥିବା ଜାଣି ମଧ କେବଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ





ଅଂଶଗ୍ରହଣ କରିବା ଏକ ଅବୈଧ ପ୍ରକ୍ରିୟାକୁ ସ୍ୱୀକୃତି ଦେବା ସହ ସମାନ।ଏହି ସମଗ୍ର ବିବାଦ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପରେ ସାମ୍ନାକୁ ଆସିଛି।ଏହି ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିସନର ସୁଖବୀର ସିଂହ ସନ୍ଧୁ ଏବଂ ବିବେକ ଯୋଶୀ ବିଗତ ୧୦ ମାସ ମଧ୍ୟରେ ସେମାନଙ୍କ ଅଜ୍ଞାତରେ ନିଆଯାଇଥିବା ଏସଆଇଆର-ସମ୍ବନ୍ଧୀୟ ସିଦ୍ଧାନ୍ତ ଓ ପ୍ରକ୍ରିୟାଗତ ତ୍ରୁଟି ଉପରେ ଅତି କମରେ ୧୪ ଥର ଲିଖିତ ଆପତ୍ତି ଜଣାଇଥିଲେ। ନିର୍ବାଚନ ଆୟୋଗ ଏହି ନୋଟଗୁଡ଼ିକୁ ନିଷ୍ପତ୍ତି ପ୍ରକ୍ରିୟାର ଅଂଶ ବୋଲି ସ୍ୱୀକାର କରିଥିଲେ ହେଁ, କୌଣସି ନିର୍ଦ୍ଦିଷ୍ଟ କାରଣ କିମ୍ବା ଆପତ୍ତିର ସମାଧାନ ବାବଦରେ ସ୍ପଷ୍ଟୀକରଣ ଦେଇନାହାନ୍ତି। ଏହି ପରିପ୍ରେକ୍ଷୀରେ, ଏସଆଇଆର ପ୍ରକ୍ରିୟାର ନିରପେକ୍ଷ ତଦନ୍ତ ଏବଂ ସମସ୍ତ ରେକର୍ଡ ସୁପ୍ରିମ୍ କୋର୍ଟ କିମ୍ବା ଏକ ସ୍ୱାଧୀନ ନାୟିକ ତଦନ୍ତ କମିଟିକୁ ହସ୍ତାନ୍ତର କରିବାକୁ ସିଜେପି ଦାବି କରିଛି।

# ସିକ୍କିମରେ ଭୟଙ୍କର ଭୂସ୍ଖଳନ: ୩୦ରୁ ଅଧିକ ଘର ପ୍ରଭାବିତ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟରେ ସିକ୍କିମର ଗ୍ୟାଲସିଂ ଜିଲ୍ଲାର ରିମ୍ବି ଗାଁରେ ଭୟଙ୍କର ଭୂସ୍ଖଳନ ଘଟିଛି। ଗୁରୁବାର, ସେପ୍ଟେମ୍ବର ୨୪ ରାତିରେ ଘଟିଥିବା ଏହି ଭୂସ୍ଖଳନ ଯୋଗୁଁ ଅନେକ ଘର ଓ ସରକାରୀ ଆବାସ କ୍ଷତିଗ୍ରସ୍ତ ହୋଇଛି । ପାହାଡ଼ ଉପରୁ ବହୁ ପରିମାଣର ମାଟି, ପଥର ଓ ଆବର୍ଜନା ତଳକୁ ଖସି ଜନବସତି ଅଞ୍ଚଳକୁ ପ୍ରଭାବିତ କରିଥିଲା । ସ୍ଥାନୀୟ ରିପୋର୍ଟ ଅନୁସାରେ, ଭୂସ୍ଖଳନରେ ୩୦ରୁ ଅଧିକ ଘର ପ୍ରଭାବିତ ହୋଇଛି । ଏଥିରେ କିଛି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ଅନ୍ୟ କେତେକ ଘର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି ।ବିଦ୍ୟୁତ ବିଭାଗର ସରକାରୀ କ୍ୱାର୍ଟର୍ସ ମଧ ଭୂସ୍ଖଳନର ପ୍ରଭାବରେ ଆସିଛି । ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ କୌଣସି ଜୀବନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ । ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛି ପରିବାରଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି।



ପ୍ରଶାସନ ପକ୍ଷରୁ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ ଉପରେ ନଜର ରଖାଯାଉଛି । ଏହି ଘଟଣାକୁ ନେଇ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଚିନ୍ତା ପ୍ରକାଶ କରିଛନ୍ତି ।ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସେ କହିଛନ୍ତି । ସ୍ଥାନୀୟ ପ୍ରଶାସନକୁ ହାଇଆଲର୍ଟରେ ରହିବା ସହ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ଲଗାତାର ବର୍ଷା ଯୋଗୁଁ ସିକିମର ବିଭିନ୍ନ ଅଞ୍ଚଳରେ ଭୂସ୍ଖଳନ ଘଟଣା ବଢ଼ିଛି । ରିମ୍ବି ଅଞ୍ଚଳରେ ମଧ ପୂର୍ବରୁ ଭୂସ୍ଖଳନ ଯୋଗୁଁ ଘର, ରାସ୍ତା ଓ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହୋଇଥିଲା। ସେପ୍‌ଟେମ୍ବର ମଧ୍ୟଭାଗରେ ରିମ୍ବି ଓ ସିଙ୍ଗଲିତାମ୍‌ର ବିପଦପ୍ରବଣ ପରିବାରଙ୍କ ପାଇଁ ରିଲିଫ୍ କ୍ୟାମ୍ପ ମଧ ବ୍ୟବସ୍ଥା କରାଯାଇଥିଲା । ବର୍ଷା ଜାରି ରହିଥିବାରୁ ଆଗକୁ ଆହୁରି ଭୂସ୍ଖଳନର ଆଶଙ୍କା ରହିଛି । ତେଣୁ ପ୍ରଶାସନ ପକ୍ଷରୁ ଜାରି ସତର୍କତା ଓ ସୁରକ୍ଷା ନିର୍ଦ୍ଦେଶ ପାଳନ କରିବା ସହ ବିପଦପ୍ରବଣ ସ୍ଥାନଠାରୁ ଦୂରେ ରହିବାକୁ ଲୋକଙ୍କୁ ଅପିଲ୍ କରାଯାଇଛି ।

# ଜନତାଙ୍କ ଭରସା ଗୁରୁତ୍ୱପୂର୍ଣ୍ଣ; ଦୃଢ ଭାବେ ପକ୍ଷ ରଖିବାକୁ ସିଇସିଙ୍କୁ ପାସୱାନଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୫।୯(ଏଜେନ୍ସି):ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାର ଓ ଦୁଇ ନିର୍ବାଚନ ଆୟୁକ୍ତଙ୍କ ମତଭେଦ ରିପୋର୍ଟ ଉପରେ ଦେଖାଦେଇଥିବା ବିବାଦରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ମୁଖ୍ୟ ଚିରାଗ ପାସୱାନ। ପାସୱାନ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ନିର୍ବାଚନ କମିଶନ ଭଳି ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ଉପରେ ପ୍ରଶ୍ନ ଉଠାଯାଉଛି, ତେବେ ସିଇସିଙ୍କ ଦାୟିତ୍ୱ ହେଉଛି ତାଙ୍କ ମତକୁ ଦୃଢ଼ ଭାବରେ ଉପସ୍ଥାପନ କରିବା।ସେ ଗୁରୁତ୍ୱାରୋପ କରିଥିଲେ ଯେ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋପରି। ଜନସାଧାରଣଙ୍କ ମନରେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଯେକୌଣସି ସନ୍ଦେହ ଥାଏ ତାହା ଭୁଲ ହେବ। ତେଣୁ ନିର୍ବାଚନ କମିଶନ ଜନସାଧାରଣଙ୍କ ନିକଟରେ ନିଜର ମତ ସ୍ପଷ୍ଟ କରିବା ଉଚିତ ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନହୁଏ। ସେ ଏହା ମଧ କହିଥିଲେ ଯେ, ବିରୋଧୀଙ୍କ କାମ ହେଉଛି ରାଜନୀତି କରିବା ଓ ଅଭିଯୋଗ ଆଣିବା, ତେଣୁ ସେ ସେମାନଙ୍କ ବୟାନକୁ ଅଧିକ ଗୁରୁତ୍ୱ ଦିଅନ୍ତି ନାହିଁ। ନିର୍ବାଚନ କମିଶନ ବିରୋଧୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ନୁହେଁ, ବରଂ ଦେଶର ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ସ୍ପଷ୍ଟୀକରଣ ଜାରି କରିବା ଉଚିତ୍ ବୋଲି କହିଛନ୍ତି।

